# ବିନା ଷ୍ଟାର୍ କ୍ୟାମ୍ପେନରରେ ପ୍ରଚାର

## ବିଏମ୍‌ସି ନିର୍ବାଚନ

**ଭୁବନେଶ୍ୱର, ୧୫।୩(ବ୍ୟୁରୋ)**

ରାଜ୍ୟରେ ପୌର ଭୋଟ୍ ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ। ୧୪ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇସାରିଛି। ପ୍ରଚାର ପାଇଁ ହାତରେ ମାତ୍ର ୭ଦିନ ରହିଲା। ତେଣୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ମୋଟ ୬୭ଟି ୱାର୍ଡରେ ନିର୍ବାଚନ ଲଢୁଥିବା ସବୁ ଦଳର ପ୍ରାର୍ଥୀ ଲୋକଙ୍କ ନିକଟତର ହୋଇ ନିଜ ସପକ୍ଷରେ ଭୋଟ୍ ନେବା ଲାଗି ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ହେଲେ ପ୍ରମୁଖ ବିଜେଡି, ଭାଜପା ଏବଂ କଂଗ୍ରେସ ଏଯାବତ୍ ଷ୍ଟାର କ୍ୟାମ୍ପେନର ତାଲିକା ପ୍ରକାଶ କରିନାହାନ୍ତି। ବିଜେଡି ମେୟର ଓ କର୍ପୋରେଟର ପ୍ରାର୍ଥୀ ସ୍ଥାନୀୟ ବିଧାୟକ ଏବଂ ମନ୍ତ୍ରୀଙ୍କୁ ନେଇ ପ୍ରଚାର ଚଳାଇଥିବାବେଳେ ଭାଜପା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି। ଅପରପକ୍ଷରେ କଂଗ୍ରେସର ସେଭଳି କୌଣସି ବଡ଼ ନେତାଙ୍କୁ ପ୍ରଚାରରେ ଦେଖିବାକୁ ମିଳୁ ନାହିଁ।

ଏଥର ରାଜ୍ୟର ୩ ପ୍ରମୁଖ ଦଳ କଂଗ୍ରେସ, ଭାଜପା ଓ ବିଜେଡି ଷ୍ଟାର କ୍ୟାମ୍ପେନର ତାଲିକା ପ୍ରକାଶ କରିବେ ନାହିଁ ବୋଲି ଜଣାପଡିଛି। ଶାସକ ବିଜେଡି ସଦ୍ୟ ସମାପ୍ତ ପଞ୍ଚାୟତ ନିର୍ବାଚନରେ ରାଜ୍ୟରେ ଏକତରଫା ଫଳାଫଳ ଆଣିଛି। ଉକ୍ତ ଫଳାଫଳକୁ ନେଇ ରାଜ୍ୟରେ ଯେଉଁଭଳି ଆଲୋଚନା ଚାଲିଛି ତାହା କୌଣସି ପ୍ରଚାର ଠାରୁ କମ୍ ନୁହେଁ ବୋଲି ରାଜନୈତିକ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଏଭଳିସ୍ଥିତିରେ ବିଜେଡିର ମୁଖ୍ୟ ଷ୍ଟାର କ୍ୟାମ୍ପେନର କୁହାଯାଉଥିବା ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଏମ୍‌ସି ନିର୍ବାଚନରେ ପ୍ରଚାରକୁ ଓହ୍ଲାଇବାର ସେତେଟା ଆବଶ୍ୟକ ପଡୁନାହିଁ। ୩ ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକମାନେ ଏକାଠି ମେୟର ପ୍ରାର୍ଥୀଙ୍କୁ ସାଙ୍ଗରେ ଧରି ଦୈନିକ ପ୍ରଚାର ଚଳାଇଛନ୍ତି। ଅନ୍ୟପଟେ ବିଜେଡି ମେୟର ପ୍ରାର୍ଥୀ ସୁଲୋଚନା ଦାସ ହେବାପରେ ଭାଜପାର ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ମୃଦଳା ଠାକୁର ତାଙ୍କୁ ସାମାଜିକ ଗଣମାଧ୍ୟମ ଜରିଆରେ ଶୁଭେଚ୍ଛା ଜଣାଇଛନ୍ତି। ହେଲେ ଭାଜପା ପ୍ରାର୍ଥୀଙ୍କୁ ଧର୍ମେନ୍ଦ୍ର ଏଯାବତ୍ ଶୁଭେଚ୍ଛା ଜଣାଇନାହାନ୍ତି। ଏଥିରୁ ଭାଜପା ନେତାଙ୍କ ମଧ୍ୟରେ ଯେ ସବୁକିଛି ଠିକ୍ ନ ଥିବା ଆଲୋଚନା ଜୋର୍ ଧରିଲାଣି।

ଅପରପକ୍ଷରେ କଂଗ୍ରେସ ରାଜ୍ୟରେ ଗଲା ୨୦ ବର୍ଷ ହେଲା ଭଲ ପ୍ରଦର୍ଶନ କରୁନାହିଁ। ୨୦୧୭ ପଞ୍ଚାୟତ ନିର୍ବାଚନରେ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରିଥିବା କଂଗ୍ରେସ ୨୦୧୯ ସାଧାରଣ ନିର୍ବାଚନରେ ରାଜ୍ୟରେ ଦୁଇ ନମ୍ବରରୁ ୩ୟ ସ୍ଥାନକୁ ଖସି ଆସିଛି। ଗଲା ପଞ୍ଚାୟତ ନିର୍ବାଚନରେ ମଧ୍ୟ ଦଳ ଆହୁରି ଖରାପ ପ୍ରଦର୍ଶନ କରିଛି। ଏଭଳି ସ୍ଥିତିରେ କଂଗ୍ରେସ ପୌର ଭୋଟ୍ ଲଢିବା ପାଇଁ ସେତେଟା ପ୍ରୟାସ କରୁଥିବା ମନେ ହେଉ ନାହିଁ। ଭୁବନେଶ୍ୱରର ସବୁ ୱାର୍ଡ ପାଇଁ କଂଗ୍ରେସ ଏଥର ପ୍ରାର୍ଥୀ ଦେଇ ପାରି ନ ଥିବା ଏହାର ଏକ ଉଦାହରଣ। କେତେଗୁଡିଏ ୱାର୍ଡରେ ପ୍ରାର୍ଥୀମାନେ କଂଗ୍ରେସ ଟିକେଟରେ ନାମାଙ୍କନ ଦାଖଲ କରିଥିବାବେଳେ ପରବର୍ତ୍ତୀ ସମୟରେ ବିଭିନ୍ନ କାରଣରୁ ନାମାଙ୍କନ ପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ଏଭଳି ସ୍ଥିତିରେ ଦଳର ଷ୍ଟାର କ୍ୟାମ୍ପେନର ତାଲିକା ପ୍ରକାଶ ନ ପାଇବା ଏବଂ କେନ୍ଦ୍ରର କୌଣସି ନେତାମାନେ ପ୍ରଚାରକୁ ନ ଆସିବା ଦଳକୁ ଆହୁରି ଖରାପ ସ୍ଥିତିକୁ ନେଇଯାଇଛି। ଖୋଦ୍ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଅସୁସ୍ଥ ଥିବାବେଳେ ସେ ପ୍ରଚାର କରିବାକୁ ଆସିବା ସମ୍ଭବ ନୁହେଁ।

## ନେତାଙ୍କୁ ଦେଖିବାକୁ ମିଳୁନି

**ଭୁବନେଶ୍ୱର, ୧୫।୩(ବ୍ୟୁରୋ)**

କଂଗ୍ରେସ ପରି ଭାଜପାର କେନ୍ଦ୍ରୀୟ ନେତାମାନେ ଏବେ ଓଡ଼ିଶା ଆସିବା ବନ୍ଦ କରିଦେଲେଣି। ଯିଏ ବି ଆସୁଛନ୍ତି କୌଣସି ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଫେରିଯାଉଛନ୍ତି। ୨୦୧୪ ପରଠାରୁ ଭାଜପାର କେନ୍ଦ୍ରୀୟ ନେତାମାନେ ଯେପରି ଓଡ଼ିଶା ଉପରେ ଆଖି ପକାଇଥିଲେ ଏବଂ ବାରମ୍ବାର ରାଜ୍ୟ ଗସ୍ତରେ ଆସି ବିଜେଡି ବିରୋଧରେ ପ୍ରଚାର ପ୍ରସାର ଚଳାଇଥିଲେ ସେକଥା ଏବେ ଆଉ ଦେଖିବାକୁ ମିଳୁନାହିଁ। ସଦ୍ୟସମାପ୍ତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭାଜପାର ଲଢ଼େଇ ଦେଖିଲା ପରେ ଏହା ଅନୁଭବ ହେଉଛି। ଆଉ ଏଭଳିସ୍ଥିତିରେ ପୌର ଭୋଟ୍ ପାଇଁ ଦଳ ତରଫରୁ ସେମିତି କିଛି ପ୍ରସ୍ତୁତି କରାଯାଇଥିବା ମନେ ହେଉନାହିଁ। ସାଧାରଣ ଦିନରେ ଘନଘନ ଓଡ଼ିଶା ଗସ୍ତରେ ଆସୁଥିବା କେନ୍ଦ୍ର ନେତାଙ୍କୁ ନିର୍ବାଚନ ସମୟରେ ଦେଖିବାକୁ ମିଳୁନାହିଁ। ଭାଜପା ରାଜ୍ୟ ସଭାପତି ସମିର ମହାନ୍ତିଙ୍କ ଅବସ୍ଥା ସମାନ। ଏପରି କି ସାମାଜିକ ଗଣମାଧ୍ୟମରେ ସବୁବେଳେ ସକ୍ରିୟ ରହି ଆସୁଥିବା ଭାଜପା ନେତାଙ୍କ ତତ୍ପରତା ପୌର ଭୋଟ୍ ବେଳେ ଦେଖିବାକୁ ମିଳୁନାହିଁ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବଙ୍କ ପୌର ଭୋଟ୍ ପ୍ରଚାର ଲାଗି ଆସିବେ ନାହିଁ ବୋଲି ଦଳର ଜଣେ ନେତା କହିବା ସହ କାହିଁକି ଆଉ ସେ ବିଷୟରେ ଆଲୋଚନା କରିବା ବୋଲି କହି କଥା ବୁଲାଇ ଦେଇଛନ୍ତି। ସବୁ କାର୍ଯ୍ୟକର୍ତ୍ତାଙ୍କ ମନରେ ମଧ୍ୟ ଏହି କଥା ଉଙ୍କି ମାରିଲାଣି।


ବିଜେଡି ମେୟର ପ୍ରାର୍ଥିନୀ ସୁଲୋଚନା ଦାସ ମଙ୍ଗଳବାର ଖଣ୍ଡଗିରି ଅଞ୍ଚଳରେ ବୁଲି ପ୍ରଚାର କରୁଛନ୍ତି।


କଂଗ୍ରେସ ମେୟର ପ୍ରାର୍ଥିନୀ ମଧୁସ୍ମିତା ଆଚାର୍ଯ୍ୟ


ଭାଜପା ମେୟର ପ୍ରାର୍ଥିନୀ ସୁନୀତି ମୁଣ୍ଡ ୱାର୍ଡ ନଂ. ୩୨ରେ ଦଳୀୟ କର୍ପୋରେଟର ପ୍ରାର୍ଥୀଙ୍କ ସହ ବୁଲି ଭୋଟ ଭିକ୍ଷା କରୁଛନ୍ତି।

# ଅସନ୍ତୁଷ୍ଟ ପ୍ରାର୍ଥୀଙ୍କ ପ୍ରତି ସମର୍ଥନ ବଢୁଛି

**ଭୁବନେଶ୍ୱର, ୧୫।୩(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ନିର୍ବାଚନରେ ବିଜେଡି ଅସନ୍ତୁଷ୍ଟ ପ୍ରାର୍ଥୀଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ୩୫ ନମ୍ବର ୱାର୍ଡରୁ ବିଜେଡି ଟିକେଟରୁ ବଞ୍ଚିତ ହୋଇ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ସୁମିତା ସିଂହଙ୍କୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ସୁମିତା ହେଉଛନ୍ତି ପୂର୍ବତନ କର୍ପୋରେଟର ଦେବାଶିଷ ସିଂହଙ୍କ ସ୍ତ୍ରୀ।


ୱାର୍ଡ ନଂ. ୩୫ରେ ସ୍ୱାଧୀନ ପ୍ରାର୍ଥିନୀ ସୁମିତା ସିଂହଙ୍କ ପ୍ରଚାର।

୩୫ ନମ୍ବର ୱାର୍ଡ ମୋଟ ୧୦,୯୦୦ ଭୋଟର୍‌ଙ୍କୁ ନେଇ ଗଠିତ। ଏହି ଆସନ ଲାଗି ମୋଟ ୪ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ବିଜେଡିରୁ ରଞ୍ଜୁଲତା ରାୟ, ଭାଜପାରୁ ଅଞ୍ଜନା ପାତ୍ର,୨ ଜଣ ସ୍ୱାଧୀନ ପ୍ରାର୍ଥୀ ସୁମିତା ଏବଂ ରଶ୍ମିତା ସାହୁ ନିଜ ନିଜ ସପକ୍ଷରେ ଭୋଟ୍ ଭିକ୍ଷା ଆରମ୍ଭ କରିଦେଇଛନ୍ତି। ଏହି ୱାର୍ଡରେ ମୋଟ ୭ଟି ବସ୍ତି ରହିଛି। ଏହି ବସ୍ତିଗୁଡ଼ିକରେ ଦେବାଶିଷଙ୍କ ଗ୍ରହଣୀୟତା ରହିଛି। ଦେବାଶିଷ ୨୦୧୪ ବିଏମ୍‌ସି ନିର୍ବାଚନରେ ୨୬୦୦ରୁ ଅଧିକ ଭୋଟ୍‌ରେ ଜିତି ୩୫ ନମ୍ବର ୱାର୍ଡର କର୍ପୋରେଟର ହୋଇଥିଲେ। ୨୦୧୯ ଜାନୁୟାରୀରୁ ତାଙ୍କ କାର୍ଯ୍ୟକାଳ ଶେଷ ହୋଇସାରିଥିଲେ ମଧ୍ୟ ୨୦୨୨ ପର୍ଯ୍ୟନ୍ତ ପୌର ଭୋଟ୍ ନ ହେବା କାରଣରୁ ତାଙ୍କ ନେତୃତ୍ୱରେ ଶାସକ ଦଳର ସବୁ କାର୍ଯ୍ୟ ଏହି ଆସନରେ ହେଉଥିଲା। ହେଲେ ଚଳିତଥର ଏହି ୱାର୍ଡଟି ମହିଳା ଏସ୍‌ସିଙ୍କ ପାଇଁ ସଂରକ୍ଷଣ ହୋଇଯିବା ପରେ ଏହାର ପାଖ ଆସନ ୩୬ ନମ୍ବର ୱାର୍ଡରୁ ଦେବାଶିଷ ନିର୍ବାଚନ ଲଢିବେ ବୋଲି ତାଙ୍କୁ ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରତିଶ୍ରୁତି ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଏହି ଆସନରୁ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିବା ପାଇଁ ବିଧାୟକ ଅନନ୍ତ ଯୋଜନା କରିଥିଲେ। ତେଣୁ ଦେବାଶିଷ ତାଙ୍କ ସ୍ତ୍ରୀ ସୁମିତାଙ୍କୁ ୩୫ ନଂ. ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡ଼ା କରାଇଛନ୍ତି। ମିଳିଥିବା ସୂଚନା ମୁତାବକ, ଦେବାଶିଷ ଦଳର ଅନ୍ୟ କେତେଜଣ ରାଜ୍ୟସ୍ତରୀୟ ନେତାଙ୍କ ସହ ଭଲ ସମ୍ପର୍କ ରଖିଥିବା କାରଣରୁ ତାଙ୍କ ଟିକେଟ କାଟିବାକୁ ବିଧାୟକ ଚିନ୍ତା କରିଥିବା ଦଳୀୟ ମହଲରେ ଆଲୋଚନା ଜୋର୍ ଧରିଛି। ଦେବାଶିଷ ଓ ତାଙ୍କ ସ୍ତ୍ରୀ ବସ୍ତିର ଲୋକଙ୍କ ପାଖକୁ ଯାଇ ଦଳ ତାଙ୍କ ସହ କରିଥିବା ଅନ୍ୟାୟ ବିଷୟରେ କହି ଭୋଟ୍ ଭିକ୍ଷା କରୁଛନ୍ତି। ସେପଟେ ବସ୍ତିର ଜଣେ ଭୋଟର୍ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଶାସକ ଦଳ ସପକ୍ଷରେ ଭୋଟ ନ ଦେଲେ ବସ୍ତି ଉଚ୍ଛେଦ ପାଇଁ ତାଙ୍କ ଉପରେ ଚାପ ପକାଯାଉଛି। ଏନେଇ ସ୍ୱାଧୀନ ପ୍ରାର୍ଥୀ ସୁମିତା ସିଂ କହିଛନ୍ତି, ତାଙ୍କ ସ୍ୱାମୀ ଲୋକଙ୍କ ସାଙ୍ଗରେ ଦୀର୍ଘଦିନ ଧରି ଥିବାରୁ ଲୋକମାନେ ନିଶ୍ଚିତ ତାଙ୍କୁ ଭୋଟ ଦେବେ।

# ସୁଲୋଚନାଙ୍କ ପାଇଁ ପ୍ରଚାର କଲେ ମନ୍ତ୍ରୀ

**ପୁରୁଣା ଭୁବନେଶ୍ୱର,୧୫।୩(ଡି.ଏନ୍.ଏ.):** ଆଉ ଦିନ କେଇଟା ପରେ ପୌର ନିର୍ବାଚନ। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ରେ ବିଭିନ୍ନ ଦଳର ପ୍ରାର୍ଥୀମାନେ ଯୋରଦାର ପ୍ରଚାର ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଦଳୀୟ ତଥା ବିଜେଡି ମେୟର ପ୍ରାର୍ଥୀ ସୁଲୋଚନା ଦାସଙ୍କ ପାଇଁ ପ୍ରଚାର କରିଛନ୍ତି। ୪୯ନଂ. ୱାର୍ଡର ଆଇଗିଣିଆଠାରୁ ଘାଟିକିଆ, ବରମୁଣ୍ଡା ହଉସିଂବୋର୍ଡ, ବରମୁଣ୍ଡା ଗ୍ରାମ, ନାଗେଶ୍ୱର ଟାଙ୍ଗୀ, ବିଜେବି ନଗର, ମାଇଁଷାଖାଲ, ବ୍ରହ୍ମେଶ୍ୱର, ପାଣ୍ଡବ ନଗର, ବଡ଼ଗଡ଼ ବ୍ରିଟ, ବଡଗଡ଼ ଗ୍ରାମ, ଚିନ୍ତାମଣିଶ୍ୱର ଆଦି ଅଞ୍ଚଳର ୨୩, ୨୪, ୫୦, ୫୫, ୫୬, ୫୭, ୫୮, ୪୪, ୪୫ ୱାର୍ଡ ବୁଲି ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ।

# ୫ ୱାର୍ଡରେ ସୁଶାନ୍ତଙ୍କ ପ୍ରଚାର

**ଭୁବନେଶ୍ୱର, ୧୫।୩(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ଉତ୍ତର ନିର୍ବାଚନମଣ୍ଡଳୀ ୱାର୍ଡ ନମ୍ବର ୧୭, ୧୦, ୧୧, ୧୬ ଏବଂ ୨୦ର ବିଜେଡି ପ୍ରାର୍ଥୀଙ୍କ ଲାଗି ବିଧାୟକ ସୁଶାନ୍ତ କୁମାର ରାଉତ ପ୍ରଚାର ଜୋର୍‌ଦାର କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଏବଂ ଜନହିତକର କାର୍ଯ୍ୟଶୈଳୀକୁ କାର୍ଯ୍ୟକାରୀ କରି ପ୍ରତ୍ୟେକ ୱାର୍ଡକୁ ଅଧିକ ବିକଶିତ କରିବା ଲାଗି ଦଳୀୟ ପ୍ରାର୍ଥୀଙ୍କୁ ଜିତାନ୍ତୁ ବୋଲି ବିଧାୟକ ଅନୁରୋଧ କରିଛନ୍ତି। ଏହି ଅବସରରେ ବିଧାୟକ ସୁଶାନ୍ତ ୧୦ ନଂ. ୱାର୍ଡରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ଭିକ୍ଷା କରିଥିଲେ। ଉକ୍ତ ସଭାରେ ବରିଷ୍ଠ ନେତା ସୁବାଶ ପାତ୍ର, ସଞ୍ଜୟ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।


୧୦ ନଂ. ୱାର୍ଡରେ ବିଧାୟକ ସୁଶାନ୍ତ ରାଉତ ଦଳୀୟ ପ୍ରାର୍ଥୀଙ୍କ ପାଇଁ ସଭା କରୁଛନ୍ତି।

# ୱାର୍ଡ ନଂ.୧୧ ଘର ଘର ବୁଲି ଭୋଟ ଭିକ୍ଷା

**ଭୁବନେଶ୍ୱର, ୧୫।୩(ବ୍ୟୁରୋ)**

ମହାନଗର ନିଗମ ନିର୍ବାଚନକୁ ଆଉ ମାତ୍ର ଦିନ କେଇଟା ବାକି। ହାତରେ କମ୍ ସମୟ ଥିବାରୁ କେମିତି ନିର୍ବାଚନ ବୈତରଣୀ ପାର୍ ହେବେ ସେ ନେଇ ଜୋର୍‌ଦାର କସରତ ଆରମ୍ଭ କରି ଦେଇଛନ୍ତି କର୍ପୋରେଟର ପ୍ରାର୍ଥୀ। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ମଙ୍ଗଳବାରଠାରୁ ବିଧିବଦ୍ଧ ଭାବେ ମଇଦାନକୁ ଓହ୍ଲାଇଛନ୍ତି ପ୍ରାର୍ଥୀ। ଡୋର୍ ଟୁ ଡୋର୍ କ୍ୟାମ୍ପେନିଂ କରି ଭୋଟ ସାଉଁଟିବାକୁ ଲାଗିପଡ଼ିଛନ୍ତି। ୱାର୍ଡ ନଂ. ୧୧ରେ ମଙ୍ଗଳବାର ଏପରି ଦୃଶ୍ୟ ଦେଖିବାକୁ ମିଳିଥିଲା। ଚଳିତ ନିର୍ବାଚନରେ ଏଠାରେ ୩ ଜଣ ପ୍ରାର୍ଥୀ କର୍ପୋରେଟର ପଦ ପାଇଁ ଲଢ଼େଇ କରୁଛନ୍ତି। ବିଜେଡିରୁ ପ୍ରଭାସିନୀ ମହାନ୍ତି, ଭାଜପାରୁ ନିରୁପମା ପାତ୍ର ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଝୁନା କୁମାରୀ ପଟ୍ଟନାୟକ ସାମ୍ନାସାମ୍ନି ହେବାକୁ ଯାଉଛନ୍ତି। ଟାଣ ଖରା କାରଣରୁ ପ୍ରାର୍ଥୀମାନେ ସକାଳ ବେଳା ଏବଂ ସନ୍ଧ୍ୟା ସମୟରେ ପ୍ରଚାର କରୁଥିବା ଦେଖାଯାଇଥିଲା।


ବିଜେଡି, କଂଗ୍ରେସ ଓ ଭାଜପା କର୍ପୋରେଟର ପ୍ରାର୍ଥୀ ପ୍ରଚାର କରୁଛନ୍ତି।

ଅଲ୍‌ଇଣ୍ଡିଆ ରେଡିଓରେ ଘୋଷିକା ଭାବେ କାର୍ଯ୍ୟରତ ସ୍ୱାଧୀନ ପ୍ରାର୍ଥୀ ଝୁନା ପଟ୍ଟନାୟକ ୱାର୍ଡର ଜିଇ, ଜିଏଲ୍ କଲୋନୀ, ତାରିଣୀ ବସ୍ତି ବୁଲି ଲୋକଙ୍କ ଭଲମନ୍ଦ ପଚାରି ବୁଝିଛନ୍ତି। ନିର୍ବାଚନ ରଣନୀତି ନେଇ ସେ କହିଛନ୍ତି, ଲୋକଙ୍କର ପ୍ରତ୍ୟେକ ଦିନର ସମସ୍ୟା ମୋ ପାଇଁ ପ୍ରସଙ୍ଗ। ରାସ୍ତାକଡ଼ରେ ବ୍ୟବସାୟ କରୁଥିବା ଲୋକଙ୍କୁ ଉଠାଯାଇଥିଲେ ମଧ୍ୟ ସେମାନଙ୍କ ପାଇଁ ଭେଣ୍ଡିଂ ଜୋନ୍‌ର ବ୍ୟବସ୍ଥା କରାଯାଇ ନାହିଁ। ୱାର୍ଡରେ ଥିବା ୩ରୁ ୪ଟି ସାହିରେ ଅନେକ ସମସ୍ୟା ରହିଛି। ସେ ସବୁର ସମାଧାନ କରିବା ମୋ ପାଇଁ ମୁଖ୍ୟ ପ୍ରସଙ୍ଗ ହେବ। ସେହିପରି ଭାଜପା ପ୍ରାର୍ଥୀ ନିରୁପମା ଜେନା ନିଜ ସମର୍ଥକଙ୍କ ସହ ଧିରିକୁଟୀ ବସ୍ତି ବୁଲିଥିଲେ। ବର୍ଷାଦିନେ ଏଠାରେ ଡ୍ରେନେଜ ସମସ୍ୟା ଗୁରୁତର ହୋଇପଡ଼େ। ୱାର୍ଡରେ ବହୁ ଅସାମାଜିକ ଲୋକଙ୍କ ପ୍ରାଦୁର୍ଭାବ ବଢି ଚାଲିଥିବାରୁ ସ୍ଥାନୀୟ ଲୋକେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଲୋକଙ୍କୁ ଠିକ୍ ଭାବେ ଚିକିତ୍ସା ମିଳିପାରୁ ନାହିଁ। ନିର୍ବାଚନ ଜିତିଲେ ଏ ସବୁ ସମସ୍ୟା ଉପରେ କାମ କରିବି ବୋଲି ସେ କହିଛନ୍ତି। ଅପରପକ୍ଷେ କଥା କମ୍ କହି କାମ ଉପରେ ଅଧିକ ଗୁରୁତ୍ୱ ଦେଉଛି ବୋଲି କହିଛନ୍ତି ବିଜେଡି ପ୍ରାର୍ଥୀ ପ୍ରଭାସିନୀ ମହାନ୍ତି। ଜଣେ ସାମାଜିକକର୍ମୀରୁ ନିର୍ବାଚନ କ୍ଷେତ୍ରକୁ ଓହ୍ଲାଇଥିବା ପ୍ରଭାସିନୀ ଡୋର୍ ଟୁ ଡୋର୍ କ୍ୟାମ୍ପେନିଂ ଆରମ୍ଭ କରି ଦେଇଛନ୍ତି। ବିଭିନ୍ନ କଲୋନୀ ବୁଲି ଲୋକଙ୍କ ଭଲମନ୍ଦ ପଚାରି ବୁଝିବା ସହ ଶାସକ ଦଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ କହିଛନ୍ତି। ୱାର୍ଡରେ ସେଭଳି କିଛି ବିଶେଷ ସମସ୍ୟା ନ ଥିବା ସେ କହିଛନ୍ତି।

# ସିଏମ୍‌ସି ୱାର୍ଡ ନଂ.୨୧ ସମସ୍ୟା, ବିକାଶ ମୁଖ୍ୟ ପ୍ରସଙ୍ଗ

**କଟକ ଅଫିସ,୧୫।୩**




ପୌର ନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ସୋମବାର ପ୍ରକାଶ ପାଇଛି। କଟକ ମହାନଗର ନିଗମ(ସିଏମ୍‌ସି) ପାଇଁ ୧୬ ମେୟର ପ୍ରାର୍ଥୀ ଓ ୨୫୬ ଜଣ କର୍ପୋରେଟର ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି। ସମସ୍ତ ପ୍ରାର୍ଥୀ ବିଭିନ୍ନ ପ୍ରସଙ୍ଗକୁ ନେଇ ଲୋକଙ୍କ ନିକଟରେ ପହଞ୍ଚୁଛନ୍ତି। ସିଏମ୍‌ସିର ଅଧିକାଂଶ ୱାର୍ଡରେ ନାଳ ନର୍ଦ୍ଦମା, ଜଳବନ୍ଦୀ ସମସ୍ୟା ରହିଥିବାରୁ ବିରୋଧୀ ଦଳର ପ୍ରାର୍ଥୀମାନେ ଏହାକୁ ମୁଖ୍ୟ ପ୍ରସଙ୍ଗ କରିଥିବାବେଳେ ଶାସକ ଦଳର ପ୍ରାର୍ଥୀ ବିକାଶକୁ ପ୍ରସଙ୍ଗ କରିଥିବା ଦେଖିବାକୁ ମିଳୁଛି। ଏହି କ୍ରମରେ ୱାର୍ଡ ନଂ ୨୧ ବିଶେଷ ଚର୍ଚ୍ଚାରେ ରହିଛି। ଏହି ୱାର୍ଡ ଚଳିତ ଥର ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ୨୦୧୩ରେ ଏଠାରୁ କଂଗ୍ରେସର ଗୌରୀ ଦାସ କର୍ପୋରେଟର ଭାବେ ନିର୍ବାଚିତ ହୋଇଥିଲେ। ଏଥର ବିଜେଡିରୁ ଅଶୋକ ଶର୍ମା, ଭାଜପାରୁ ଦେବାନନ୍ଦ ସିଂ ଏବଂ କଂଗ୍ରେସରୁ କମଲେଶ ସାଗର ପ୍ରାର୍ଥୀ ହୋଇଛନ୍ତି।

### ୱାର୍ଡ ପରିସର

ଜାଉଁଳିଆ ପଟି, ଫିରିଙ୍ଗି ବଜାର, ଚୌଧୁରୀ ବଜାର, ମଠସାହିର କିଛି ଅଂଶ, ନୟାସଡ଼କ, ବାଲୁବଜାର, ମାଣିଘୋଷ ବଜାର, ଟାଉନ୍ ହଲ୍ ରୋଡ।

### ପ୍ରମୁଖ ପ୍ରସଙ୍ଗ

ଏଠାରେ ୨୦୧୩ରୁ ଆରମ୍ଭ ହୋଇଥିବା ଜାଇକାର କାମ ଅଧା ପନ୍ତରିଆ ହୋଇ ରହିଛି। ନାଳ ନର୍ଦ୍ଦମା ମଧ୍ୟ ଠିକ୍ ଭାବେ ପରିଷ୍କାର ହେଉ ନାହିଁ। ମଶା ଉପଦ୍ରବ ବୃଦ୍ଧି ପାଉଛି, ଯାହାକି ସାଧାରଣ ଜୀବନଯାତ୍ରାରେ ବିଶେଷଭାବେ ପ୍ରଭାବ ପକାଉଛି।

## ୱାର୍ଡକୁ ନେଇ ପ୍ରମୁଖ ପ୍ରାର୍ଥୀ, ଭୋଟରଙ୍କ ମତ



“ଆମ ୱାର୍ଡର ପୁରୀଘାଟ ବୁରୁଜ ସାହି, ମଠସାହି ଓ ମଲ୍ଲିକ ବାଗଠାରେ ୩ଟି ବସ୍ତି ରହିଛି। ଏହାକୁ ପ୍ରାଥମିକତା ଭିତ୍ତିରେ ସ୍ମାର୍ଟ ବସ୍ତିରେ ପରିଣତ କରିବାର ଅଛି। ଏଥିସହ ୱାର୍ଡରେ ଥିବା ବିଭିନ୍ନ ସମସ୍ୟା ସମାଧାନ ସମେତ ହିତାଧିକାରୀଙ୍କୁ ରାଶନ କାର୍ଡ, ଜବ୍ କାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଠିକ ଭାବରେ ଆବଣ୍ଟନ କରାଇବି।

**- ଅଶୋକ ଶର୍ମା, ବିଜେଡି ପ୍ରାର୍ଥୀ**



“ଗତ ଥର ଏହି ୱାର୍ଡରୁ କଂଗ୍ରେସ କର୍ପୋରେଟର ରହିଥିଲେ। ସେ ତାଙ୍କର ଯେଉଁ କାର୍ଯ୍ୟକୁ ସମୟ ଅଭାବରୁ ସମାପ୍ତ କରିପାରି ନ ଥିଲେ ତାକୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖିଛି। ବସ୍ତି ଅଞ୍ଚଳରେ ଥିବା ଇଲେକ୍ଟ୍ରିକ ଖୁଣ୍ଟରେ ଆଲୋକର ବ୍ୟବସ୍ଥା ନାହିଁ। ଏଥିସହ ଜାଇକା, ରାସ୍ତାଘାଟ, ନାଳ ନର୍ଦ୍ଦମା ସମସ୍ୟା ସମେତ ମଶା ଉପଦ୍ରବରୁ ଲୋକଙ୍କୁ ନିସ୍ତାର ଦେବା ମୋର ମୂଳ ଲକ୍ଷ୍ୟ ରହିବ।

**- କମଲେଶ ସାଗର, କଂଗ୍ରେସ ପ୍ରାର୍ଥୀ**



“ଶାସକ ଦଳ ମହାନଗର ନିଗମର ପ୍ରଶାସନିକ ଅଧିକାରୀଙ୍କୁ ହାତ ବାରିସି କରି ନିର୍ବାଚନ ଜିତିବାକୁ ପ୍ରୟାସ କରୁଛନ୍ତି। ନାଳ ନର୍ଦ୍ଦମା ଠାରୁ ଅରମ୍ଭ କରି ମଶା ଉପଦ୍ରବ, ରାସ୍ତାଘାଟର ସମସ୍ୟା ରହିଛି। ବର୍ଷା ଦନେ ଜଳବନ୍ଦୀ ଅବସ୍ଥା ନ କହିଲେ ଭଲ। ଜାଇକା କାର୍ଯ୍ୟ ଅଧାପନ୍ତରିଆ ରହିଛି। ରାସ୍ତାରେ ବିଜୁଳି ଆଲୁଅ ଠିକ୍ ଭାବରେ କାମ କରୁନାହିଁ। ୱାର୍ଡରେ ବହୁ ସମସ୍ୟା ରହିଥିବାରୁ ଲୋକେ ଏଥର ପରିବର୍ତ୍ତନ ଚାହୁଁଛନ୍ତି।

**- ଦେବାନନ୍ଦ ସିଂ, ଭାଜପା ପ୍ରାର୍ଥୀ**



“ୱାର୍ଡରେ ନାଳ ନର୍ଦ୍ଦମା ଠିକ ଭାବରେ ପରିଷ୍କାର ହେଉ ନାହିଁ। ମଶା ଉପଦ୍ରବ କଥା ନ କହିବା ଭଲ। ୧୯୯୨ରେ କଟକ ନଗରପାଳ ଥିବା ତ୍ରିଲୋଚନ କାନୁନ୍‌ଗୋଙ୍କ ସମୟରେ ଯେଉଁ ପ୍ରକାର କାର୍ଯ୍ୟ ହେଉଥିଲା ତାହା ଏବେ ଆଉ ଦେଖିବାକୁ ମିଳୁନାହିଁ। ବହୁ ସମସ୍ୟା ଥିବାରୁ କେବେ ଏହାର ସମାଧାନ ହେଉଛି ତାକୁ ଆମେ ଅପେକ୍ଷା କରିଛୁ।

**- ଶଙ୍କର ଲାଲ ଅଗ୍ରୱାଲ, ୨୧ ନଂ ୱାର୍ଡ ନିବାସୀ**

**'ମିଳିତ ମେଣ୍ଟ ଅସ୍ତରଙ୍ଗ ବିକାଶ ପାଇଁ ଅଙ୍ଗୀକାରବଦ୍ଧ'**

ଅସ୍ତରଙ୍ଗ,(ଡି.ଏନ୍.ଏ.): ଅସ୍ତରଙ୍ଗ ବ୍ଲକରେ ତୃଣମୂଳନେତା ଦିବାକର ଛାଟୋଇଙ୍କ ନେତୃତ୍ୱରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଉକ୍ତ ସମ୍ମିଳନୀରେ ନବନିର୍ବାଚିତ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତି ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇଥିଲେ। ସମିତି ଅଧ୍ୟକ୍ଷାଙ୍କ ସମେତ ସରପଞ୍ଚ ଓ ସମିତିସଭ୍ୟା/ସଭ୍ୟ ଅସ୍ତରଙ୍ଗ ବ୍ଲକବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ବିଜୟର ଶ୍ରେୟ ଜନସାଧାରଣଙ୍କୁ ଦେବା ସହ ମିଳିତ ମେଣ୍ଟ ଅଞ୍ଚଳବାସୀଙ୍କ ବିକାଶ ପାଇଁ ଅଙ୍ଗୀକାରବଦ୍ଧ ବୋଲି ନବନିର୍ବାଚିତ ଅଧ୍ୟକ୍ଷା ନାୟକ କହିଥିଲେ। ପ୍ରତି ପଞ୍ଚାୟତକୁ ଦୁର୍ନୀତିମୁକ୍ତ କରିବାକୁ ମିଳିତ ମେଣ୍ଟର ନିଷ୍ପତ୍ତି ହୋଇଛି। ସମ୍ମିଳନୀରେ ଦିବାକର, ଗଦାଧର ବିଶ୍ୱାଳ, ନଇଗୁଆ ସରପଞ୍ଚ ମଞ୍ଜୁଳତା ଖୁଣ୍ଟିଆ, ଝାଡଲିଙ୍ଗର ସମିତିସଭ୍ୟ ଶିବଚରଣ ପରିଡା, କେନ୍ଦ୍ରାପାଟିର ସମିତିସଭ୍ୟ ଦୁର୍ଜୟ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।




**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୫।୩।୨୦୨୨

| | |
|---|---|
| ୬,୮୭,୬୭୧ ଟଙ୍କା | |
| ସୁନା | ୪୦୦ ମିଲିଗ୍ରାମ |
| ରୁପା | ୩୭.୨୫୦ ଗ୍ରାମ |

# ୧୪୧ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର

- ୩ ଏନ୍ଏସିର ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ
- ୫୪ଟି ବୁଥ୍‌ରେ ୪୩,୪୪୪ ଭୋଟର

ପୁରୀ ଅଫିସ,୧୫।୩:

ପୁରୀ ଜିଲାର ନିମାପଡ଼ା, ପିପିଲି ଓ କୋଣାର୍କ ବିଜ୍ଞାପିତ ଅଞ୍ଚଳ(ଏନ୍ଏସି)ରେ ନିର୍ବାଚନ ନେଇ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନ ପାଇଁ ଆସନ୍ତା ୨୪ ତାରିଖରେ ମତଦାନ ହୋଇ ୨୬ତାରିଖରେ ଭୋଟ ଗଣତି ହେବ। ନିମାପଡ଼ାର ୧୧ଟି ୱାର୍ଡର ୧୯ଟି ବୁଥ୍, ପିପିଲିର ୧୬ଟି ୱାର୍ଡର ୨୦ଟି ବୁଥ୍ ଓ କୋଣାର୍କର ୧୩ଟି ୱାର୍ଡର ୧୫ଟି ବୁଥ୍‌ରେ ମତଦାନ ହେବ। ନିମାପଡ଼ାରେ ୧୫ ହଜାର ୭୮୨, ପିପିଲିରେ ୧୫ ହଜାର ୫୦୧ ଓ କୋଣାର୍କରେ ୧୨ ହଜାର ୧୬୧ଜଣ ମତଦାତା ମତାଧିକାର ସାବ୍ୟସ୍ତ କରିବେ। ନିମାପଡ଼ାରେ କାଉନସିଲର ନିମନ୍ତେ ୨୪ ଜଣ ଓ ଚେୟାରମ୍ୟାନ ନିମନ୍ତେ ୫ ଜଣ ପ୍ରାର୍ଥୀ, କୋଣାର୍କ ନିମନ୍ତେ ୫୦ଜଣ କାଉନସିଲର ପ୍ରାର୍ଥୀ ଓ ୬ ଜଣ ଚେୟାରମ୍ୟାନ୍ ପ୍ରାର୍ଥୀ ଓ ପିପିଲି ପାଇଁ ୫୧ଜଣ କାଉନସିଲର ଓ ଚେୟାରମ୍ୟାନ୍ ପାଇଁ ୫ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତିନୋଟି ବିଜ୍ଞାପିତ ଅଞ୍ଚଳର ୪୦ଟି ୱାର୍ଡର ୫୪ଟି ବୁଥ୍‌ରେ ୪୩ ହଜାର ୪୪୪ଜଣ ମତଦାତା ମତାଧିକାର ସାବ୍ୟସ୍ତ କରିବେ। ନିର୍ବାଚନରେ ୧୦୮ଟି ଇଭିଏମ୍ ବ୍ୟବହୃତ ହେବ। ପ୍ରତ୍ୟେକ ବିଜ୍ଞାପିତ ଅଞ୍ଚଳରେ ପିଙ୍କ୍ ବୁଥ୍ ଓ ଆଦର୍ଶ ମତଦାନ କେନ୍ଦ୍ର କରାଯିବ। ପ୍ରାୟ ୩ଶହ ଜଣ ପୋଲିଂ ଅଧିକାରୀ ଓ ୬ଜଣ ସେକ୍ଟର ଅଧିକାରୀ ନିୟୋଜିତ ହେବେ। ପିପିଲି ପାଇଁ ଜବାହର ବିଦ୍ୟାପୀଠ, ନିମାପଡ଼ା ପାଇଁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, କୋଣାର୍କ ପାଇଁ ଆଶ୍ରମ ସ୍କୁଲ୍‌ରେ ଷ୍ଟ୍ରଙ୍ଗରୁମ୍ କରାଯିବ। ଆସନ୍ତା ୨୩ ତାରିଖ ମଧ୍ୟାହ୍ନ ସୁଦ୍ଧା ପୋଲିଂ ଅଧିକାରୀମାନେ ସେମାନଙ୍କ ମତଦାନ କେନ୍ଦ୍ରରେ ପହଞ୍ଚିବେ। ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମତଦାନ ହେବ। ବୈଠକରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଜିଲାପାଳ ସମର୍ଥ ବର୍ମା ନିର୍ବାଚନ ସହ ସଂଶ୍ଲିଷ୍ଟ ସମସ୍ତ ପ୍ରଶାସନିକ ଅଧିକାରୀ, ପୋଲିସ ଓ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟପକ୍ଷେ ନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ପ୍ରଚାର କାର୍ଯ୍ୟ ସରିବ। ସରକାରୀ ସ୍ଥାନରେ ପ୍ରାର୍ଥୀମାନେ କୌଣସି ପୋଷ୍ଟର, ବ୍ୟାନର ଲଗାଇପାରିବେ ନାହିଁ। ଷ୍ଟ୍ରଙ୍ଗରୁମ୍‌ଗୁଡ଼ିକରେ ସିସିଟିଭି ଲଗାଯିବ ବୋଲି ସାଧାରଣ ପର୍ଯ୍ୟବେକ୍ଷକ ଜ୍ୟୋତିରଞ୍ଜନ ପ୍ରଧାନ କହିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୈଳାସଚନ୍ଦ୍ର ନାୟକ, ଉପଜିଲାପାଳ ଭବତାରଣ ସାହୁ, ପିକେଡିଏ ସଚିବ ଲଲାଟେନ୍ଦୁ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିଜ୍ଞାପିତ ଅଞ୍ଚଳର ନିର୍ବାଚିତ ଅଧିକାରୀ ଓ ରାଜନୈତିକ ଦଳର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟ ଅଧିକାରୀ ।

## ପାରାଲିଗାଲଙ୍କୁ ଶିଶୁ ସୁରକ୍ଷା ସମ୍ପର୍କିତ ତାଲିମ

ପୁରୀ ଅଫିସ,୧୫।୩

ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଧନେଶ୍ୱର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଜିଲା ଆଇନ ସେବା ପ୍ରାଧିକରଣ ଓ ଜିଲା ଶିଶୁ ସୁରକ୍ଷା ବିଭାଗ ମିଳିତ ସହଯୋଗରେ ଜିଲା କୋର୍ଟ ପରିସରରେ ଥିବା ଆଇନ ସେବା ପ୍ରାଧିକରଣ ସଭାଗୃହରେ ଏକ ଶିଶୁ ସୁରକ୍ଷା ସମ୍ପର୍କିତ ସଚେତନତା ତାଲିମ ଶିବିର ଅନୁଷ୍ଠିତ ହୋଇଛି। ପୁରୀ ଜିଲାର ପାରାଲିଗାଲ ଭଲ୍ୟୁଣ୍ଟିୟର ଏବଂ ଆଇନ ସେବା ପ୍ରାଧିକରଣ ସହ ଜଡିତ ଥିବା ଆଇନଜୀବୀଙ୍କ ପାଇଁ ଯୌନ ଶୋଷଣରୁ ଶିଶୁମାନଙ୍କୁ ସୁରକ୍ଷା ଆଇନ ଏବଂ ଶିଶୁ ଅଧିକାର ସମ୍ପର୍କରେ ସଚେତନତା ପ୍ରଦାନ କରାଯାଇଥିଲା। ଆଇନସେବା ପ୍ରାଧିକରଣ ସଚିବ ଦେବାଶିଷ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରୀ ଜିଲା ଜଜ୍ ଧନେଶ୍ୱର ମଲ୍ଲିକ, ପୋକ୍ସୋ କୋର୍ଟ ଅତିରିକ୍ତ ଜିଲା ଜଜ୍ ନିରଞ୍ଜନ ଜେନା, ସିଭିଲ କୋର୍ଟ ତଥା ଜୁଭେନାଇଲ କୋର୍ଟ ଜଜ୍ ବିଦ୍ୟାଧର ପୃଷ୍ଟି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ପୁରୀ ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ରମାଶଙ୍କର ପାତ୍ର ପ୍ରମୁଖ ଉପସ୍ଥିତ ରହି ଶିଶୁ ସୁରକ୍ଷା ଆଇନ-୨୦୧୨, ବାଲ୍ୟ ବିବାହ ନିରୋଧ ଆଇନ, ଶିଶୁ ଶ୍ରମ ନିରୋଧ ଆଇନ ତଥା କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ ଉପରେ ଆଲୋଚନା କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ କଟକ ଶିଶୁ ମଙ୍ଗଳ କମିଟିର ସଦସ୍ୟ ଚିତ୍ତରଞ୍ଜନ ମହାନ୍ତି ସ୍ୱତନ୍ତ୍ର ନିମନ୍ତ୍ରିତ ପ୍ରଶିକ୍ଷକ ଭାବେ ଯୋଗଦେଇ ପାରାଲିଗାଲ ଭଲ୍ୟୁଣ୍ଟିୟରଙ୍କୁ ତାଲିମ ଦେଇଥିଲେ। ପୁରୀ ଶିଶୁ ସୁରକ୍ଷା ବିଭାଗର ଆଇନ ପରିବେକ୍ଷଣ ଅଧିକାରୀ ସନ୍ତୋଷ ସାହୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଜିଲାସ୍ତରୀୟ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ

ପୁରୀ ଅଫିସ,୧୫।୩ - ଜିଲାସ୍ତରୀୟ ବିଶ୍ୱ ଉପଭୋକ୍ତା ଦିବସ ମଙ୍ଗଳବାର ସ୍ଥାନୀୟ ଜାତୀୟ ସୂଚନା କେନ୍ଦ୍ରରେ ୱେବିନାର୍‌ରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଯୋଗଦାନ କରି ଖାଉଟିମାନଙ୍କର ସଚେତନ ନିମନ୍ତେ ବିଭିନ୍ନ ଦିଗକୁ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ବୈଧମାପ ବିଜ୍ଞାନ କାର୍ଯ୍ୟାଳୟର ଉପନିୟନ୍ତ୍ରକ ହରିଶଙ୍କର ପଟ୍ଟନାୟକ ଅଧ୍ୟକ୍ଷତା କରି ଚଳିତ ବର୍ଷର ଅନୁଚିନ୍ତା ଡିଜିଟାଲ ଆର୍ଥିକ ପରିବାରରେ ସ୍ୱଚ୍ଛତା ଉପରେ ଆଲୋକପାତ କରିଥିଲେ। ସେହିପରି ଆଜିକାଲି ଫୋନ ଯୋଗେ ଓଟିପି, ପ୍ୟାନକାର୍ଡ ଇତ୍ୟାଦି ବ୍ୟକ୍ତିଗତ ତଥ୍ୟକୁ ଶେୟାର ନ କରିବାପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଜୁବେନ୍‌ର ଜଷ୍ଟିସ୍ ବୋର୍ଡର ସଦସ୍ୟ ବିଜୟାନନ୍ଦ ମିଶ୍ର, ପ୍ରମୁଖ ବକ୍ତା ନେହେରୁ ଯୁବକେନ୍ଦ୍ରର ସଂଯୋଜକ ଜୟଶଙ୍କର ଯୋଶୀ ଯୋଗଦେଇଥିଲେ। ଶେଷରେ ସ୍ୱେଚ୍ଛାସେବୀ ସଂସ୍ଥା ନିହିତା ନିମାପଡାର ସହ ସଂଯୋଜକ ଶଶିଶେଖର ପଣ୍ଡା ଧନ୍ୟବାଦ ଦେଇଥିଲେ।

### ଶ୍ୱେତଗଙ୍ଗା ପୁଷ୍କରିଣୀରେ ଆଳତି

ପୁରୀ ଅଫିସ,୧୫।୩- ଫାଲ୍ଗୁନ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତଥା ଗୋବିନ୍ଦ ଦ୍ୱାଦଶୀ ମଙ୍ଗଳବାର ଅବସରରେ ତୀର୍ଥ ଆଳତି କାର୍ଯ୍ୟକ୍ରମର ତୃତୀୟ ବାର୍ଷିକୋତ୍ସବ ବାଲିସାହିସ୍ଥିତ ଶ୍ୱେତଗଙ୍ଗା ତୀର୍ଥ ପୁଷ୍କରିଣୀରେ ଅନୁଷ୍ଠିତ ହୋଇଛି। ବୈଦିକ ବ୍ରାହ୍ମଣଙ୍କର ମନ୍ତ୍ରୋଚ୍ଚାରଣ ସହ ଭକ୍ତମାନଙ୍କର ହରିବୋଲ ଓ ହୁଳହୁଳି ଶବ୍ଦରେ ମୁକ୍ତି ମଣ୍ଡପ ପଣ୍ଡିତ ସଭାର ସଦସ୍ୟ ବିଚିତ୍ରାନନ୍ଦ ମିଶ୍ରଙ୍କ ତତ୍ତ୍ୱାବଧାନ ଓ ପଣ୍ଡିତ ଗୌରିଶଙ୍କର ଦାଶଙ୍କ ସହଯୋଗରେ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସୂଚନାଯୋଗ୍ୟ, ସାହିଭାଇ ଅନୁଷ୍ଠାନ ତରଫରୁ ୨୦୧୯ ଗୋବିନ୍ଦ ଦ୍ୱାଦଶୀ ତିଥିରୁ ଜଗଦଗୁରୁ ଶ୍ରୀ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ମାର୍ଗଦର୍ଶନରେ ଶ୍ରୀକ୍ଷେତ୍ର ଧାମର ପଞ୍ଚତୀର୍ଥ ପୁଷ୍କରିଣୀଙ୍କ ଆଳତି କାର୍ଯ୍ୟକ୍ରମ ହୋଇଆସୁଛି। ସହର ମଧ୍ୟରେ ଥିବା ବିଭିନ୍ନ ତୀର୍ଥ ପୁଷ୍କରିଣୀମାନଙ୍କ ସୁରକ୍ଷା ଓ ପବିତ୍ରତାକୁ ଅକ୍ଷୁଣ୍ଣ ରଖିବା ସହିତ ଶ୍ରୀକ୍ଷେତ୍ରର ସଂସ୍କୃତି ଓ ପରମ୍ପରାକୁ ସୁଦୂର ପ୍ରସାର କରିବା ହିଁ ଏହି ଆଳତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ତେବେ ଶେତ୍ୱଗଙ୍ଗା ଆଳତି କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ସୁରେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ବିଭିନ୍ନ ସଂସ୍କୃତି ଗବେଷକ, ବୁଦ୍ଧିଜୀବୀ ଓ ପଣ୍ଡିତମାନଙ୍କୁ ନେଇ ଶ୍ରୀକ୍ଷେତ୍ରରେ ଶ୍ୱେତଗଙ୍ଗା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବ୍ରଜବନ୍ଧୁ ମହାରଣା ଓ ସମ୍ପାଦକ ଚନ୍ଦ୍ରଶେଖର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ପରିଶେଷରେ ଅନୁଷ୍ଠାନର ସଦସ୍ୟ ପ୍ରଫେସର ଡ. ଲକ୍ଷ୍ମୀଧର ପଣ୍ଡା ଧନ୍ୟବାଦ ଦେଇଥିଲେ।

### ପଞ୍ଚୁଦୋଳ ମେଳଣ ଯାତ୍ରା ପାଇଁ ପ୍ରସ୍ତୁତି

ବଳଙ୍ଗା, ୧୫।୩(ଡି.ଏନ୍.ଏ.): ବଳଙ୍ଗା ପଶ୍ଚିମାଭିମୁଖୀ ବକ୍ରେଶ୍ୱର ଦେବଙ୍କ ପଞ୍ଚୁ ଦୋଳ ମେଳଣ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ନିମାପଡ଼ା, ପିପିଲି, ସତ୍ୟବାଦୀ, ଜୟଦେବ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରୁ ହରି ଓ ହରଙ୍କର ଚଳନ୍ତି ପ୍ରତିମା ସୁସଜ୍ଜିତ ଦୋଳ ବିମାନ ପାଲିଙ୍କିରେ ଭାର୍ଗବୀ ନଦୀ ତଟସ୍ଥ ମେଳଣ ପଡିଆରେ ନିର୍ଦ୍ଧାରିତ ସ୍ଥାନରେ ବସି ପାରମ୍ପରିକ ଦେବ ସଭା ନୀତିକାନ୍ତିରେ କରିବାକୁ ଆଲୋଚନା ହୋଇଛି । ଚଳିତ ମାସ ୨୩, ୨୪ ଏବଂ ୨୫ ଯଥାକ୍ରମେ ଜମାଣ, ମେଳଣ, ହରିହର ଭେଟ ଅନୁଷ୍ଠିତ ହେବ। ପ୍ରସ୍ତୁତି ଚାଲିଥିବା ନେଇ ସଭାପତି ପ୍ରଭାକର ଦଳାଇ, ସମ୍ପାଦକ ବଳଭଦ୍ର ଯେନା ଓ ଉପଦେଷ୍ଟା ସୁବାସ ଚନ୍ଦ୍ର ପତି ସୂଚନା ଦେଇଛନ୍ତି।



ନରେନ୍ଦ୍ର ପୁଷ୍କରିଣୀ ଉନ୍ନତି ପାଇଁ ବସ୍ତି ଉଚ୍ଛେଦ ପ୍ରତିବାଦରେ ଅଞ୍ଚଳବାସୀ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରୁଛନ୍ତି ।

## ନରେନ୍ଦ୍ର ପୁଷ୍କରିଣୀ ଉନ୍ନତି ପାଇଁ ଉଚ୍ଛେଦକୁ ବିରୋଧ

**ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅଞ୍ଚଳବାସୀଙ୍କ ବିକ୍ଷୋଭ**

ପୁରୀ ଅଫିସ,୧୫।୩

ପ୍ରଶାସନ ପକ୍ଷରୁ ନରେନ୍ଦ୍ର ପୁଷ୍କରିଣୀ ଓ ଚତୁଃପାର୍ଶ୍ୱର ଉନ୍ନତୀକରଣ ପାଇଁ ଉଚ୍ଛେଦ କାର୍ଯ୍ୟ ଚାଲିଛି। ହେଲେ ଏହି ଉଚ୍ଛେଦକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିବା ସହ ଏହାକୁ ବନ୍ଦ କରିବା ନିମନ୍ତେ ଦାବି କରି ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗକାରୀମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଗତ ୯ ତାରିଖରେ ପ୍ରଶାସନିକ ଅଧିକାରୀଙ୍କ ସହ ଜିଲାପାଳ ନିଜେ ଆସି ଅଞ୍ଚଳକୁ ପରିଦର୍ଶନ କରିଥିଲେ। ଏହି ସମୟରେ ଅଞ୍ଚଳର କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବିଭିନ୍ନ ଭୁଲ ତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ଅପେକ୍ଷା ନରେନ୍ଦ୍ରକୋଣ ଅଞ୍ଚଳର ରାସ୍ତା ସବୁଠାରୁ ପ୍ରଶସ୍ତ। ଏଠାରେ ସର୍ବପୁରାତନ ମନ୍ଦିରଗୁଡିକ ନରେନ୍ଦ୍ର ପୁଷ୍କରିଣୀ ଚତୁଃପାର୍ଶ୍ୱରେ ଅବସ୍ଥିତ। ଫଳରେ ଯେଉଁ ବହିରାଗତ ତୀର୍ଥଯାତ୍ରୀ ଶ୍ରୀମନ୍ଦିରକୁ ଯାଇ ନ ପାରନ୍ତି, ସେମାନେ ନରେନ୍ଦ୍ର ପୁଷ୍କରିଣୀରେ ସ୍ନାନକରି ବିଭିନ୍ନ ଦେବଦେବୀଙ୍କ ଦର୍ଶନ କରି ଭଗବାନଙ୍କ ସାନ୍ନିଧ ଲାଭ କରିଥାନ୍ତି। ତେବେ ପ୍ରଶାସନ ଦ୍ୱାରା ହୋଇଥିବା ନରେନ୍ଦ୍ର ପୁଷ୍କରିଣୀ ଉନ୍ନୟନ କାର୍ଯ୍ୟକୁ ସାହିବାସୀ ସ୍ୱାଗତ କରୁଛୁ। କିନ୍ତୁ ଏଠାରେ ବାସ କରୁଥିବା ସାଧାରଣ ମଣିଷର ଜୀବନ ଓ ଜୀବିକାକୁ ମଧ ପ୍ରଶାସନ ପକ୍ଷରୁ ସମପରିମାଣ ଗୁରୁତ୍ୱ ଦେବା ଆବଶ୍ୟକ। ଏଠାରେ ଗରିବ ଲୋକମାନେ ଛୋଟ ଦୋକାନ କରି ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି। ସେଥିପାଇଁ ଉଚ୍ଛେଦ କାର୍ଯ୍ୟକୁ ବନ୍ଦ କରିବା ସହିତ ଉନ୍ନୟନ ସମ୍ପର୍କରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାହିବାସିନ୍ଦାଙ୍କୁ ନେଇ ଏକ ବୈଠକ ପ୍ରଶାସନ ତରଫରୁ ଡକାଯାଇ ବାସିନ୍ଦାଙ୍କ ମତାମତ ନେଇ କାର୍ଯ୍ୟ କରାଯାଉ ବୋଲି ସାହିବାସିନ୍ଦାମାନେ ଦାବିପତ୍ରରେ ଜଣାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ତାରା ପ୍ରସାଦ ଦାସ, ମନୁ ଓଝା, ଯୁଧିଷ୍ଠିର ସାହୁ, ଲକ୍ଷ୍ମୀଧର ସାହୁ, ଉପେନ୍ଦ୍ର ମହାପାତ୍ର, ନବୀନ କୁମାର ମହାନ୍ତି, ସତ୍ୟ ନାରାୟଣ ରାଓ ଏବଂ ଜିତେନ୍ଦ୍ର ସାହୁଙ୍କ ସମେତ ଅନେକ ସାହିବାସିନ୍ଦା ଉପସ୍ଥିତ ଥିଲେ।

## ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ

ପୁରୀ ଅଫିସ,୧୫।୩

ଫାଲ୍‌ଗୁନ ଶୁକ୍ଳ ଦ୍ୱାଦଶୀ ତିଥି ଅବସରରେ ମହାପ୍ରଭୁଙ୍କ ବେଣ୍ଟ ନୀତି ଶ୍ରୀଜଗନ୍ନାଥ ବଲ୍ଲଭ ପରିସରରେ ଥିବା ବେଣ୍ଟ ପୋଖରୀରେ ସମ୍ପନ୍ନ ହୋଇଛି। ମଙ୍ଗଳବାର ଶ୍ରୀବିଗ୍ରହଙ୍କର ମଙ୍ଗଳ ଆଳତି ସରିବା ପରେ ମହାଜନ ସେବକମାନେ ଦକ୍ଷିଣଘରୁ ଶ୍ରୀରାମ ଚନ୍ଦ୍ରଙ୍କ ବିଗ୍ରହକୁ ରତ୍ନ ସିଂହାସନକୁ ନେଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଏକ ଆଜ୍ଞାମାଳ ଆଣି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ଆଜ୍ଞାମାଳ ପାଇ ମହାଜନ ସେବକମାନେ ବେଣ୍ଟ (ଶିକାର) ନୀତି ନିମନ୍ତେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ବିମାନରେ ବିଜେ କରାଇବା ପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ନେଇଥିଲେ। ସେଠାରେ ମହାଜନ ସେବକ ଠାକୁରଙ୍କୁ ଖଟ ଉପରେ ବିଜେ କରାଇଥିଲେ। ପରେ ବନ୍ଦାପନା ସମ୍ପନ୍ନ ହୋଇ ପ୍ରଭୁ ଶ୍ରୀରାମଚନ୍ଦ୍ର ମଠ ପରିସରରେ ଥିବା ବେଣ୍ଟ ପୋଖରୀକୁ ବିଜେ ହୋଇଥିଲେ। ଶରଗୁଡିକୁ ମହାପ୍ରଭୁଙ୍କ ଶ୍ରୀହସ୍ତରେ ଲଗାଇ ପୂଜାପଣ୍ଡା ସାମନ୍ତ ଶରଗୁଡିକୁ ଅଭିମନ୍ତ୍ରିତ କରି ଲେଙ୍କା ସେବକ ବା ଦଳବେହେରାଙ୍କୁ ଦିଅନ୍ତି। ଲେଙ୍କା ସେବକ ପଇଡଗୁଡିକୁ ମୃଗ ଭାବେ ବିବେଚନା କରି ପଇଡଗୁଡିକୁ ଶରବିଦ୍ଧ କରିଥାନ୍ତି। ନୀତି ନିମନ୍ତେ ସେଠାରେ ପୂର୍ବରୁ ୬ଟି ପଇଡ ରଖାଯାଇଥିଲା। ରଖାଯାଇଥିବା ୬ଟି ପଇଡ ମଧ୍ୟରୁ ଲେଙ୍କା ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇ ଆସିଥିଲେ। ଏହାପରେ ଅନ୍ୟ ନୀତି କରାଯାଇ ଠାକୁରଙ୍କୁ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

## ବାଇକ୍‌କୁ ଧକ୍କା ଦେଇ ଖାଇକୁ ପଶିଲା କାର୍

- ୭ ଗୁରୁତର, ଅଳ୍ପକେ ବର୍ତ୍ତିଲେ ୬ବର୍ଷର ଝିଅ
- ଅଧା ରହିଗଲା ଶ୍ରୀଜଗନ୍ନାଥ ଦର୍ଶନ

ସାକ୍ଷୀଗୋପାଳ, ୧୫।୩(ସ୍ୱ.ପ୍ର./ଡି.ଏନ୍.ଏ.)

ଭୁବନେଶ୍ୱରର ଏକ ପରିବାର କାର୍ ଯୋଗେ ମଙ୍ଗଳବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସୁଥିଲେ। ହେଲେ ସତ୍ୟବାଦୀ ବ୍ଲକ ଛକରେ ପୂର୍ବାହ୍ନ ୧୧ଟାରେ ଡ୍ରାଇଭର ଭାରସାମ୍ୟ ହରାଇ ରାସ୍ତାରେ ଯାଉଥିବା ଏକ ବାଇକ୍‌କୁ ଧକ୍କା ଦେବା ସହ ନିକଟସ୍ଥ ଏକ ଶୁଖିଲା ଖାଇକୁ କାର୍‌ଟି ପଶିଯାଇଥିଲା। ଫଳରେ ବାଇକ୍ ଆରୋହୀଙ୍କ ସମେତ ୭ଜଣ ଗୁରୁତର ହୋଇଛନ୍ତି। ହେଲେ କାର୍‌ରେ ଥିବା ଜଣେ ୬ବର୍ଷର ଝିଅ ଅଳ୍ପକେ ବର୍ତ୍ତିଯାଇଛି। ସାକ୍ଷୀଗୋପାଳ ଅଗ୍ନିଶମ ବିଭାଗ ପକ୍ଷରୁ ଗୁରୁତରମାନଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ସତ୍ୟବାଦୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରିଛି। ସୂଚନା ଅନୁଯାୟୀ, ପୁରୁଣା ଭୁବନେଶ୍ୱରରେ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିଭିନ୍ନ ସ୍ଥାନରୁ ଉକ୍ତ ପରିବାରର ସଦସ୍ୟମାନେ ଆସିଥିଲେ। ସୋମବାର ବିବାହ କାର୍ଯ୍ୟ ସାରି ପରିବାରର କେତେଜଣ ସଦସ୍ୟ ମଙ୍ଗଳବାର ଉକ୍ତ କାର୍ (ନଂ. ଓଡି ୦୨ ଏଆର୍ ୩୭୩୮)ରେ ପୁରୀ ଯାଉଥିଲେ। ହେଲେ ସତ୍ୟବାଦୀ ଛକରେ ହଠାତ୍ ଗାଡ଼ିଟି ଏକ ବାଇକ୍ (ନଂ.ଓଡି ୧୩ଡି ୦୯୨୧)କୁ ଧକ୍କା ଦେଇ ନିକଟସ୍ଥ ଖାଇକୁ ପଶିଯାଇଥିଲା। ଖବରପାଇ ସାକ୍ଷୀଗୋପାଳ ଅଗ୍ନିଶମ ବିଭାଗର ଅଧିକାରୀ ମନୋଜ ପାତ୍ରଙ୍କ ସହ ସଦଳବଳ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଦୁର୍ଘଟଣାରେ ଭୁବନେଶ୍ୱରର ବାସନ୍ତୀ ଦେବୀ, କଟକର ବନଲତା ନାୟକ, ଉତ୍ତର ପ୍ରଦେଶର ବିଭା ତ୍ରିପାଠୀ, କେନ୍ଦ୍ରାପଡ଼ାର କାଳନ୍ଦୀଚରଣ ନାଥ ଓ ତାଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ନାଥଙ୍କ ସମେତ ବାଇକ୍ ଆରୋହୀ ସାତସଙ୍ଖସ୍ଥିତ ସିରିଆପୁରର ପଦ୍ମନାଥ ମହାପାତ୍ର। ସମସ୍ତଙ୍କ ମସ୍ତିଷ୍କକୁ ମାଡ଼ ହୋଇଥିବାରୁ ୪ଟି ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।



## ପେଟ୍ରୋଲ ପମ୍ପ ସିଲ୍, ୩ ଗିରଫ

**ତେଲ ଅପମିଶ୍ରଣ, ଠକେଇ ଅଭିଯୋଗ**

ସାକ୍ଷୀଗୋପାଳ, ୧୫।୩(ଡି.ଏନ୍.ଏ./ସ୍ୱ.ପ୍ର.)

ପେଟ୍ରୋଲ ଅପମିଶ୍ରଣ ଓ ଠକେଇ ଅଭିଯୋଗରେ ସତ୍ୟବାଦୀ ପୋଲିସ ସହଯୋଗରେ ଏସ୍‌ଟିଏଫ୍ ୩ ଜଣଙ୍କୁ ଗିରଫ କରି ମଙ୍ଗଳବାର ପୁରୀ କୋର୍ଟକୁ ଚାଲାଣ କରିଛି। ସେମାନେ ହେଲେ କଟକ ଜିଲା କିଶନ ନଗର ଥାନା ଓଡପଡା ଗ୍ରାମର ଆଶିଷ କୁମାର ରାଉତ, ହାୱଡା ଜିଲା ଶଙ୍କ୍ରାଲି ଥାନାର ପଙ୍କଜ ସାହାଣୀ ଏବଂ ବିନୋଦ ପ୍ରସାଦ। ଏହି ଆପରାଧିକ କାର୍ଯ୍ୟରେ ଜଡ଼ିତ ସାକ୍ଷୀଗୋପାଳ ସମଯାଜପୁର ଓଭରବ୍ରିଜ ନିକଟ ଦକ୍ଷିଣକାଳୀ ପେଟ୍ରୋଲ ପମ୍ପକୁ ପୋଲିସ ସିଲ୍ କରିବା ସହ ପେଟ୍ରୋଲ ପମ୍ପକୁ ଅପମିଶ୍ରଣ ତେଲ ନେଇ ଆସିଥିବା ଟ୍ୟାଙ୍କରକୁ ଜବତ କରିଛି। ପ୍ରକାଶ ଯେ, ରବିବାର ବିଳମ୍ବିତ ରାତିରେ ଏକ ତେଲ ବୋଝେଇ ଟ୍ୟାଙ୍କରକୁ ସନ୍ଦେହ କରି ଏସ୍‌ଟିଏଫ୍ ଟିମ୍ ଭୁବନେଶ୍ୱରରୁ ପିଛା କରିଥିଲେ। ସାକ୍ଷୀଗୋପାଳ ସମଯାଜପୁର ଓଭରବ୍ରିଜ ନିକଟ ଦକ୍ଷିଣକାଳୀ ପେଟ୍ରୋଲ ପମ୍ପରେ ତେଲ ଖାଲି କରିବାକୁ ଯାଇଥିବା ଉକ୍ତ ଟ୍ୟାଙ୍କରକୁ ଏସ୍‌ଟିଏଫ୍ ଟିମ ଯାଞ୍ଚ କରିବା ବେଳେ ଅପରାଧୀମାନେ ଖସି ପଳାଇବାକୁ ଉଦ୍ୟମ ବେଳେ ଟିମ୍ କାବୁ କରି ନେଇଥିଲେ। ୧୨ହଜାର ଲିଟର ଏହି ରାସାୟନିକ ତରଳ ପଦାର୍ଥରେ ଏକ କେମିକାଲ ପାଉଡର ମିଶାଇ ପେଟ୍ରୋଲ ଆକାରରେ ବିକ୍ରି କରାଯାଇ ଜାଲିଆତିରେ ବ୍ୟାପକ ଅର୍ଥ ଉପାର୍ଜନ କରାଯାଉଥିବା ତଦନ୍ତରୁ ଜଣାପଡ଼ିଥିଲା। ଚଢ଼ାଉରେ ଏସ୍‌ଟିଏଫ୍ ଅଧିକାରୀ ଜିତୁ ମୋହନ ମିଶ୍ରଙ୍କ ସମେତ ଟିମ୍ ଓ ସତ୍ୟବାଦୀ ଥାନା କର୍ମଚାରୀ ସାମିଲ ଥିଲେ।

## ଗାଁ ଲୋକ ପାଳି କରି ଜଗୁଛନ୍ତି ମନ୍ଦିର, ମଠ

ଗୋପ,୧୫।୩(ଡି.ଏନ୍.ଏ.)

ଗୋପ ଥାନା ଅଞ୍ଚଳରେ ଦୁଇ ବର୍ଷ ମଧ୍ୟରେ ବିଭିନ୍ନ ମଠ, ମନ୍ଦିରରୁ ୧୦ରୁ ଉର୍ଦ୍ଧ୍ୱ ମୂର୍ତ୍ତି ଚୋରି ହୋଇଛି। ହେଲେ ପୋଲିସ ମାମଲା ରୁଜୁ କରିଥିଲେ ମଧ ଏପର୍ଯ୍ୟନ୍ତ କାହାକୁ ଗିରଫ କରିପାରି ନାହିଁ। ଏବେ ମୂର୍ତ୍ତି ଚୋରି ର୍‍ୟାକେଟ ସକ୍ରିୟ ହେଉଥିବାରୁ ଦୁଇ ଦିନ ହେବ ନିମାପଡ଼ା ଡିଏସ୍‌ପି ଦେବାଶିଷ ମିଶ୍ର, ଗୋପ ଥାନାଧିକାରୀ କାଳନ୍ଦୀ ବେହେରା ବିଭିନ୍ନ ଗାଁରେ ଥିବା ମଠ ମନ୍ଦିର ବୁଲିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଏପରିକି ମଠ, ମନ୍ଦିରରୁ ମୂର୍ତ୍ତିକୁ ସୁରକ୍ଷା ଦେବା ପାଇଁ ଏବେ ବିଭିନ୍ନ ଗାଁରେ ଗ୍ରାମବାସୀ ପାଳିକରି ଜଗୁଛନ୍ତି। ଗୋପ ଥାନା ନିକଟ ବାବା ନୀଳକଣ୍ଠେଶର ମନ୍ଦିର, ବେଗୁନିଆସ୍ଥିତ ଦକ୍ଷିଣେଶ୍ୱର ମନ୍ଦିର, ଗଣେଶ୍ୱରପୁରସ୍ଥିତ ମଞ୍ଜନାଥ ଶିବ ମନ୍ଦିର ସହିତ ଆଉ କେତେକ ମଠ ମନ୍ଦିରରୁ ମୂର୍ତ୍ତି ଚୋରି ହୋଇଥିଲା। ଏ ନେଇ ପୋଲିସ କେବଳ ତଦନ୍ତ ଚଳାଇଥିବା ବେଳେ ଚୋରକୁ ଧରିନି। ଏବେ କ୍ରମାଗତ ମୂର୍ତ୍ତି ଚୋରି ହେବାରୁ ଜିଲାରେ ୧୦ଟି ପୋଲିସ ଟିମ ଗଠନ କରି ମୂର୍ତ୍ତି ଚୋରି ର୍‍ୟାକେଟକୁ ଧରିବା ପାଇଁ ଚଢ଼ାଉ ଜାରି ରହିଛି।

## ଭକ୍ତଙ୍କ ସୁବିଧା ନେଇ ଜିଲାପାଳଙ୍କ ସହ ଆଲୋଚନା

**ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡରେ କାର୍ପେଟ ପକାଗଲା**

ପୁରୀ ଅଫିସ,୧୫।୩

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପ୍ରଶାସନ ପକ୍ଷରୁ ଲାଗୁ ହୋଇଥିବା ସମସ୍ତ କୋଭିଡ୍ କଟକଣା ପ୍ରତ୍ୟାହାର କରାଯାଇଛି। କଟକଣା ପ୍ରତ୍ୟାହାର ପରେ ଏବେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଦିନକୁ ଦିନ ଭକ୍ତଙ୍କ ଭିଡ଼ ପୁରୀରେ ବଢ଼ିବାରେ ଲାଗିଛି। ମାତ୍ର ପ୍ରଚଣ୍ଡ ଖରା ହେଉଥିବା ଯୋଗୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକ ବଡ଼ଦାଣ୍ଡରେ ଧାଡ଼ିରେ ଠିଆ ହୋଇ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ବିଶେଷ କରି ବୟସ୍କ ବ୍ୟକ୍ତି, ଶିଶୁ ଓ ମହିଳାମାନଙ୍କ ପ୍ରତି ପ୍ରଚଣ୍ଡ ଖରା ଅସହ୍ୟ ହୋଇପଡ଼ିଛି। ଏହି ସମସ୍ୟା ପରିଲକ୍ଷିତ ହେବା ପରେ ଆସୋସିଏଶନ୍ ଅଫ ଟୁଇଟର୍ ଆକ୍ଟିଭିଟିସ୍ ପକ୍ଷରୁ ବେଳାଭୂମି ବ୍ୟବସାୟୀଙ୍କ ସହଯୋଗରେ ଭକ୍ତଙ୍କ ସୁବିଧା ନିମନ୍ତେ ବିଭିନ୍ନ ସ୍ଥାନରେ ଛତା ଲଗାଯାଇଥିଲା। ଏହାପରେ ବଡ଼ଦାଣ୍ଡର ଅନ୍ୟ କେତେଜଣ ବ୍ୟବସାୟୀ ମଧ ଛତାର ବ୍ୟବସ୍ଥା କରିଥିଲେ। ଏହି ସମସ୍ୟାକୁ ହୃଦୟଙ୍ଗମ କରି ମଙ୍ଗଳବାର ପ୍ରଶାସନ ତରଫରୁ କାର୍ପେଟ ବିଛା ଯିବା ସହ ପାନୀୟ ଜଳର ବ୍ୟବସ୍ଥା ମଧ କରାଯାଇଥିଲା। ପ୍ରଶାସନର ଏପରି କାର୍ଯ୍ୟ ପରିପ୍ରେକ୍ଷୀରେ ଜିଲାପାଳ ସମର୍ଥ ବର୍ମାଙ୍କୁ ଅନୁଷ୍ଠାନ ତରଫରୁ ଧନ୍ୟବାଦ ଦିଆଯାଇଛି। ଏଥିସହ ଆଗାମୀ ଦିନରେ ରଥଯାତ୍ରା ଅନୁଷ୍ଠିତ ହେବାକୁ ଥିବାରୁ ଭକ୍ତଙ୍କ ସୁବିଧା ନିମନ୍ତେ ଏହି ସୁବ୍ୟବସ୍ଥା କରିବା ପାଇଁ ଜିଲାପାଳଙ୍କୁ ଅନୁଷ୍ଠାନ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ଅନ୍ୟ ସ୍ୱେଚ୍ଛାସେବୀ ସଂଗଠନର ସହଯୋଗରେ ମଧ ଏହା ଆଗକୁ ଆହୁରି କିପରି ସୁପରିଚାଳନା କରିହେବ ସେ ବିଷୟରେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଅନୁଷ୍ଠାନର ସଭାପତି ବିସ୍ମୟ ମିଶ୍ର, ସତ୍ୟନାରାୟଣ ସାହୁ, ସୁଧାଂଶୁ ଜେନା, ମାନସ ରଥ, ନିରାକାର ମହାରଣା, ମାନସ ନାୟକ, ଦେବେନ୍ଦ୍ର ସୁବୁଦ୍ଧି, ଆଦିତ୍ୟ ବାରିକ, ଦେବରାଜ ଦାସ ଓ ସୂର୍ଯ୍ୟକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟକୁ ସବୁଜିମା କରିବେ ଗ୍ରୀନ୍ ଶିକ୍ଷକ

- ଇକୋ କ୍ଲବ୍‌ରେ ଜିଲାର ୨୫୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟ
- ମାଗଣା ଚାରା ଯୋଗାଇବ ଜଙ୍ଗଲ ବିଭାଗ

ପୁରୀ ଅଫିସ,୧୫।୩:

ଇକୋ କ୍ଲବ୍ ତଥା ଗ୍ରୀନ୍ ଶିକ୍ଷକଙ୍କର ଦକ୍ଷତା ବିକାଶ ତାଲିମ ଶିବିର ସ୍ଥାନୀୟ ସଂସ୍କୃତି ଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାରେ ୨୫୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟ ଇକୋ କ୍ଲବ୍ ମଧ୍ୟରେ ସାମିଲ ହୋଇଥିଲେ ମଧ ବିଦ୍ୟାଳୟସ୍ତରରେ ଚାରାରୋପଣ, ଜୈବ ବିବିଧତା ଓ ପରିବେଶ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ନାହିଁ। ଏହାକୁ ପ୍ରୋତ୍ସାହିତ କରିବା ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଜିଲା ଜଙ୍ଗଲ ଅଧିକାରୀ ପି.ରାମସ୍ୱାମୀ କାର୍ଯ୍ୟକ୍ରମରେ ଯୋଗଦେଇ ପରିବେଶ ସନ୍ତୁଳନ ଦିଗରେ ବିଦ୍ୟାଳୟଗୁଡ଼ିକର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ପ୍ରଜାତିର ପକ୍ଷୀ ଓ ପ୍ରାଣୀଙ୍କୁ ବାସ ଯୋଗାଇଦେବାର ଏକ ଭଲ ମାଧ୍ୟମ ହେଉଛି ବୃକ୍ଷ। ଏଣୁ ବିଦ୍ୟାଳୟ ସ୍ତରରେ ଚାରାରୋପଣ ସମେତ ଜୈବ ବିବିଧତା ସୃଷ୍ଟି କରିବା ପାଇଁ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଥିବା ସେ କହିଛନ୍ତି। ସେହିଭଳି ପ୍ରତି ବିଦ୍ୟାଳୟରେ ଜଣେ ଲେଖାଏ ଇକୋ-କ୍ଲବ୍ ଶିକ୍ଷକ ତଥା ଗ୍ରୀନ୍ ଶିକ୍ଷକଙ୍କୁ ଏହି ଦାୟିତ୍ୱ ଦିଆଯାଇଛି।

ସରକାରୀ ସ୍ତରରେ ମିଳୁଥିବା ବାର୍ଷିକ ୫ ହଜାର ଟଙ୍କାର ସହାୟତା ଓ କିଛି ବିଦ୍ୟାଳୟକୁ ଓସେପା ପକ୍ଷରୁ ମିଳୁଥିବା ୨୫ହଜାର ଟଙ୍କା ସହାୟତାରେ ବିଦ୍ୟାଳୟର ପରିବେଶକୁ ସବୁଜିମାରେ ପରିପୂର୍ଣ୍ଣ କରିବା ଦାୟିତ୍ୱ ଗ୍ରୀନ ଶିକ୍ଷକମାନେ ନେବେ। ଏହି ଗ୍ରୀନ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ସନ୍ତୁଳନ ଓ ସୁରକ୍ଷା ସମ୍ପର୍କିତ ପ୍ରତିଯୋଗିତା କରିବେ। ପଥପ୍ରାନ୍ତ ନାଟକ ଓ ଶୋଭାଯାତ୍ରା କରି ପିଲାଙ୍କ ମଧ୍ୟରେ ଆଗ୍ରହ ଜାଗ୍ରତ କରିବେ। ସେହିଭଳି ବିଦ୍ୟାଳୟରେ ଏକ ଇକୋ କ୍ଲବ୍ କମିଟି ଗଠନ ହେବ। ଏଥିରେ ୩୦ରୁ ୬୦ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ସାମିଲ ହେବେ ବୋଲି ସୂଚନା ଦେଇଛନ୍ତି ସତ୍ୟବାଦୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶଚନ୍ଦ୍ର ପଣ୍ଡା। ସେହିଭଳି ଅନ୍ୟତମ ବରିଷ୍ଠ ଶିକ୍ଷକ କାମଦେବ ପ୍ରଧାନ ଜୈବ ବିବିଧତା କିଭଳି ଭାବେ ବିଦ୍ୟାଳୟରେ ରକ୍ଷା କରାଯାଇପାରିବ ଓ ବିଲୁପ୍ତ ପ୍ରାଣୀଙ୍କୁ ପୁଣିଥରେ ଜୈବମଣ୍ଡଳର ଅଂଶ କରିହେବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଉଚ୍ଚ ବିଦ୍ୟାଳୟର ଜଣେ ଲେଖାଏ ଗ୍ରୀନ ଶିକ୍ଷକ ଯୋଗଦେଇଥିଲେ। ଆସନ୍ତା ଏପ୍ରିଲରେ ଜଙ୍ଗଲ ବିଭାଗ ଗ୍ରୀନ ଶିକ୍ଷକମାନଙ୍କୁ ବିଭିନ୍ନ ଗଛର ଚାରା ଯୋଗାଇବ। ବ୍ରହ୍ମଗିରି ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ତଥା ଗ୍ରୀନ୍ ଶିକ୍ଷୟିତ୍ରୀ ସୁଶ୍ରୀ ଦେବଯାନୀ ନାୟକ କହିଛନ୍ତି, ପିଲାଙ୍କ ମଧ୍ୟରେ ପରିବେଶ ସନ୍ତୁଳନ ଓ ବୃକ୍ଷରୋପଣକୁ ନେଇ ସକାରାତ୍ମକ ଧାରଣା ସୃଷ୍ଟି କରିବାକୁ ହେଲେ ପ୍ରଥମେ ଏ ସମ୍ପର୍କିତ ଜ୍ଞାନ ଓ ସୂଚନା ଦେବାକୁପଡ଼ିବ। ଏହି ତାଲିମ ଶିବିରରେ ଓଡ଼ିଶା ଜଙ୍ଗଲ ସେବାର ଅଧିକାରୀ ଉତ୍ତମ କୁମାର ଗଡ଼ନାୟକ, ବାଲୁଖଣ୍ଡ ରେଞ୍ଜ ଅଫିସର ବେଣୁଧର ବେହେରା, ଆକାଶ ରଞ୍ଜନ ଦାଶ, ରମେଶଚନ୍ଦ୍ର ପଣ୍ଡା, ଶଙ୍କର ସୁବୁଦ୍ଧି ଓ କାମଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




ଇକୋ କ୍ଲବ୍ ତଥା ଗ୍ରୀନ୍ ଶିକ୍ଷକଙ୍କର ଦକ୍ଷତା ବିକାଶ ତାଲିମ ଶିବିରରେ ଉପସ୍ଥିତ ଅତିଥିଗଣ ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**ବେଗୁନିଆ,୧୫।୩(ଡି.ଏନ୍.ଏ.):** ବେଗୁନିଆ ଥାନା ଧଳାପଥର ପଞ୍ଚାୟତ ଅନ୍ତର୍ଗତ ଠଣାପଲ୍ଲୀ ଗ୍ରାମ ନିକଟରେ ସୋମବାର ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରେହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ଗଡ଼ମାଣତୀର ଗ୍ରାମର ବାସୁଦେବ ମହାପାତ୍ର। ଏନେଇ ମଙ୍ଗଳବାର ମୃତକଙ୍କ ପୁଅ ବୀରେନଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୬୩/୨୨)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବାସୁଦେବ ସୋମବାର ବନ୍ଧୁଙ୍କ ଘରକୁ ଯାଇ ସନ୍ଧ୍ୟାରେ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଠଣାପଲ୍ଲୀ ଗ୍ରାମ ନିକଟରେ ତାଙ୍କୁ ଏକ ଗାଡ଼ି ଧକ୍କା ଦେଇ ପଳାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଆହ୍ୱାନ

**ବାଣପୁର,୧୫।୩(ଡି.ଏନ୍.ଏ.):** ପୌର ନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ସୋମବାର ସନ୍ଧ୍ୟାରେ ନନ୍ଦପୁର ପଞ୍ଚାୟତର ଶ୍ରୀରାଜ କଲ୍ୟାଣ ମଣ୍ଡପରେ ବିଜେଡି ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ବାଣପୁର ଏନ୍‌ଏସିର କାର୍ଯ୍ୟକାରୀ ସଭାପତି ଉମାକାନ୍ତ ନାଠିଙ୍କ ଅଧକ୍ଷତାରେ ଜିଲା ପର୍ଯ୍ୟବେକ୍ଷକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇଥିଲେ। ଦଳୀୟ ଅଧକ୍ଷ ପ୍ରାର୍ଥୀ ମିଟୁ ନାୟକଙ୍କ ସମେତ ସମସ୍ତ କାଉନସିଲର ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଆହ୍ୱାନ ଦେବା ସହ ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କୁ ଦାଇତ୍ୱ ଦେଇଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅଧକ୍ଷ ପ୍ରାର୍ଥୀ ମିଟୁ ନାୟକ , ପୂର୍ବତନ ଉପାଧକ୍ଷ ଦାସରଥି ସାହୁ , ସମିଉଦ୍ଦିନ ଖାଁ, ପ୍ରଶାନ୍ତ କୁମାର ସାହୁ, ମିନତୀ ମହାପାତ୍ର, ବିକ୍ରମ କେଶରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

### ବାଲିପାଟଣାରେ ଦୋଳ ମେଳଣ

**ବାଲିପାଟଣା,୧୫।୩(ଡି.ଏନ୍.ଏ.):** ବାଲିପାଟଣା ଅଞ୍ଚଳର ପ୍ରଥମ ଦୋଳ ମେଳନ ବାଲିପାଟଣାସ୍ଥିତ ମେଳନ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନପତି ବୁଦ୍ଧନାଥ ଦେବଙ୍କ ନିମନ୍ତ୍ରଣରେ ସଠିଲ ଚମ୍ପନାଥ, ସରାଟ ନୀଳକଣ୍ଠେଶ୍ୱର, ବାରିଲ, ଗିରିଙ୍ଗ, ପ୍ରତାପ୍ରତରପୁର, ଫକୀରପଡା ସମେତ ଆଖପାଖ ଅଞ୍ଚଳର ଠାକୁରଙ୍କ ପ୍ରତିମା ମେଳନ ପଡ଼ିଆରେ ଆସ୍ଥାନ ଅଳଙ୍କୃତ କରିଥିଲେ। ସୁସଜ୍ଜିତ ବିମାନରେ ବାଜା ବାଣ ରୋଶଣିରେ ପରିବେଶ ଉତ୍ସବ ମୁଖରିତ ହୋଇଥିଲା। ଶ୍ରଦ୍ଧାଳୁମାନେ ଦିଅଁଙ୍କ ଦର୍ଶନ କରିଥିଲେ। ପରେ ସାତଟାପରେ ଦିଅଁଙ୍କ ହରିହର ଭେଟ ହୋଇ ପ୍ରସ୍ଥାନ କରିଥିଲେ।

### ଅହମ୍ମଦୀୟା ମୁସଲିମ ମହିଳା ସଙ୍ଗଠନ ପକ୍ଷରୁ ସହାୟତା

**ଖୋର୍ଦ୍ଧା ଅଫିସ,୧୫।୩:** ଖୋର୍ଦ୍ଧା ଉପକଣ୍ଠ କେରଙ୍ଗରେ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବାରଙ୍କୁ ଅହମ୍ମଦୀୟା ମୁସଲିମ ମହିଳା ସଙ୍ଗଠନ ଲଜନା ଏମାଉଲ୍ଲାଃ ପକ୍ଷରୁ ଆର୍ଥିକ ସହାୟତା ଏବଂ ଘରୋଇ ସାମଗ୍ରୀ ପ୍ରଦାନ କରାଯାଇଛି। ସେହିପରି ଜଟଣୀ ଓ ଭୁବନେଶ୍ୱର ଜରାଶ୍ରମରେ ଅନ୍ତେବାସୀଙ୍କୁ ବସ୍ତ୍ର, ରାଶନ ସାମଗ୍ରୀ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଓ ନୟାଗଡ଼ ଜିଲା ଅହମଦୀୟା ମୁସଲିମ ମହିଳା ସଙ୍ଗଠନର ସଭାନେତ୍ରୀ ରୋକିଆ ବାନୁ, ଅମତୁଲ କୟୁମ, ହମିଦା ରସିଦ, ତସୁରୁନ ନାଜେରିନ, ରସିଦା ବେଗମ ଓ ଜାହିରା ବେଗମ ପ୍ରମୁଖ ଉପସ୍ଥିତ ଥିଲେ।

### ବିଧାୟକଙ୍କ ଆଶୁ ଆରୋଗ୍ୟ କାମନା କଲେ କର୍ମୀ

**ବାଣପୁର,୧୫।୩(ଡି.ଏନ୍.ଏ.):** ବାଣପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ପଞ୍ଚାୟତ ସମିତି ଅଧକ୍ଷ ପଦ ପାଇଁ ନିର୍ବାଚନ ଚାଲିଥିବାବେଳେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଲୋକଙ୍କୁ ଗାଡ଼ି ମଡ଼ାଇଦେଇଥିଲେ। ଏଥିରେ ପ୍ରାୟ ୨୭ଜଣ ଆହତ ହୋଇଥିଲେ। ବିଧାୟକଙ୍କ ଏପରି କାଣ୍ଡପରେ ଉପସ୍ଥିତ ଲୋକମାନେ ଉତକ୍ଷିପ୍ତ ହୋଇ ତାଙ୍କ ଗାଡ଼ି ଭଙ୍ଗାରୁଜା କରିବା ସହ ମାଡ଼ ମାରିଥିଲେ। ଫଳରେ ବିଧାୟକ ଜଗଦେବ ଗୁରୁତର ଆହତ ହୋଇଥିଲେ। ପୋଲିସ ବିଧାୟକଙ୍କ ସମେତ ଅନ୍ୟ ଆହତଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରିଥିଲେ। ବିଧାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ବିଜେଡି କର୍ମୀମାନେ ମା'ଚିକିରାଇ, ବାବା ଭେଟିନାଥଦେବ, ଗୁପ୍ତେଶ୍ୱରଦେବ, ସୋମନାଥଶ୍ୱର ଦେବ, ମେଘାମ୍ବରୀ ମନ୍ଦିରରେ ଦ୍ୱୀପଜାଳି ବିଧାୟକଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

# ‘ଲାପ୍‌ସ ଟୋକନ ନବୀକରଣ ହେଉ’

**ଖୋର୍ଦ୍ଧା ଅଫିସ,୧୫।୩**

ଖୋର୍ଦ୍ଧା ଜିଲାରେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। ମାର୍ଚ୍ଚ ୩୧ ଖରିଫ-୨୦୨୧ ଧାନକିଣା ଅବଧି ସରିଆସୁଛି। ଏପଟେ ଅଧିକାଂଶ ଚାଷୀଙ୍କ ଟୋକନ ଲାପ୍‌ସ କରିଯାଇଛି। ଲାପସ ଟୋକନ ନବୀକରଣ କରାଯାଉନାହିଁ। ଫଳରେ ଚାଷୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଜିଲାରେ ପ୍ରାୟ ୧୦ହଜାର ଟୋକେନ ଲାପ୍‌ସ କରିଯାଇଥିବା ଯୋଗୁ ମଣ୍ଡିରେ ଚାଷୀଙ୍କ ଧାନ କିଣାଯାଉ ନାହିଁ। ଟୋକନ ଅବଧି ବୃଦ୍ଧି ଏବଂ ଧାନକିଣା ନେଇ ବିଭିନ୍ନ ଚାଷୀ ସଙ୍ଗଠନ, ପଞ୍ଜୀକୃତ ଚାଷୀମାନେ ଦୈନିକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରୁଛନ୍ତି। ତେବେ ପ୍ରତିଶ୍ରୁତି ବ୍ୟତୀତ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି। ଲାପସ କରିଯାଇଥିବା ଟୋକନ ଅବଧି ବୃଦ୍ଧି ସହ ଧାନକିଣା ସ୍ୱାଭାବିକ ଦାବିରେ ମଙ୍ଗଳବାର ଖୋର୍ଦ୍ଧା ଜିଲା ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଟ୍ରାକ୍ଟର, ମିନିଟ୍ରକ୍‌ରେ ଧାନବସ୍ତା ଧରି ଜିଲାପାଳଙ୍କ କାର୍ଯ୍ୟାଳୟରେ ଆଗରେ ଅନଶନରେ ବସିଛନ୍ତି। ଚାଷୀଙ୍କ ଧାନ ନ ଉଠିବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଚେତାବନୀ ଦେଇଥିଲେ। ଏନେଇ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଖୋର୍ଦ୍ଧା ଜିଲାରେ ଧାନକିଣା ବହୁ ବିଳମ୍ବରେ ଆରମ୍ଭ ହୋଇଥିଲା। ଜାନୁୟାରୀ ୧୨ରେ ଜିଲାପାଳ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ତେବେ ଜିଲାପାଳ ଏବଂ ଡିଆର୍‌ସିଏସଙ୍କ ଦ୍ୱାରା ମଣ୍ଡି ଉଦ୍‌ଘାଟନ ସତ୍ତ୍ୱେ ଧାନ ଉଠିଲା ନାହିଁ। ଧାନ ଗୁଣାତ୍ମକ ମାନ ନ ଥିବା ଦର୍ଶାଇ ମିଲର୍ସ ଧାନ ଉଠାଇଲେ ନାହିଁ। ଏହାପର ଠାରୁ ଏକାଧିକ ମଣ୍ଡିରେ ଏଭଳି ସମସ୍ୟା ଲାଗି ରହିଛି। ଜାନୁୟାରୀ, ଫେବୃୟାରୀ ଟୋକନ ଲାପ୍‌ସ ଯୋଗୁ ଜିଲାର ଏକାଧିକ ମଣ୍ଡିରେ ଚାଷୀ ଧାନବିକ୍ରିରୁ ବଞ୍ଚିତ ହୋଇଛନ୍ତି। ପ୍ରାୟ ୧୦ହଜାର କୁଇଣ୍ଟାଲ ଧାନ ଚାଷୀଙ୍କ ବିକ୍ରି ହୋଇପାରୁନାହିଁ। ଟୋକନ ଲାପ୍‌ସ କରିଯାଇଥିବା କହି ସମିତି ସମ୍ପାଦକମାନେ ଧାନ କିଣିବାକୁ ମନା କରୁଛନ୍ତି। ଟାର୍ଗେଟ ଆସିଲେ, ଧାନ କିଣାଯିବ କହି ଦିନ ଗଡ଼ାଇ ଚାଲିଛନ୍ତି। ଏପଟେ ଧାନକିଣା ଅବଧି ସରି ଆସିଲାଣି। ପ୍ରଶାସନିକ ତ୍ରୁଟି ଯୋଗୁ ଚାଷୀ ପେଷି ହେଉଛନ୍ତି। ମଣ୍ଡିରେ ଶହ ଶହ କୁଇଣ୍ଟାଲ ଧାନ ପଡି ରହିଛି। ମିଲର୍ସମାନେ ଧାନ ଉଠାଉନାହାନ୍ତି। ଅନେକ ସ୍ଥାନରେ ଚଞ୍ଚକତା କରାଯାଇ ନକଲି ଚାଷୀଙ୍କ ଠାରୁ ଧାନକିଣା ଚାଲିଛି। ଧାନକିଣାରେ ବ୍ୟାପକ ଅନିୟମିତତା ହେଉଛି। ଜିଲାରେ ବିଭିନ୍ନ ବ୍ଲକରେ ଗତବର୍ଷ ତୁଳନାରେ ଧାନକିଣା ମନ୍ଥରତା ଚାଲିଛି। ଗତବର୍ଷ ମଧ ଟୋକନ ଅବଧି ସମସ୍ୟା ରହିଥିବା ବେଳେ ଚଳିତ ବର୍ଷ ସମାନ ସମସ୍ୟା ରହିଛି। ନିକଟରେ ଜିଲାପାଳ ଲାପସ୍ ଟୋକନ ଅବଧି ବୃଦ୍ଧି ନେଇ ରାଜ୍ୟ ଯୋଗାଣ ବିଭାଗ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଲାପ୍‌ସ ଟୋକନ ନବୀକରଣ କରା ନ ଗଲେ ଚାଷୀ ଧାନ ବିକ୍ରି କରିପାରିବେ ନାହିଁ। ଜିଲା ପ୍ରଶାସନ ଲାପସ ଟୋକନ ବୃଦ୍ଧି ଏବଂ ଧାନକିଣା ସମସ୍ୟା ସମାଧାନ ନ କଲେ, ଅନଶନ ଜାରି ରହିବ ବୋଲି ନବ ନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ସାହୁ, ମଦନ ମୋହନ ସାହୁ, କୃଷ୍ଣଚନ୍ଦ୍ର ବେହେରା, ଜୟନ୍ତ ତ୍ରିପାଠୀ, ଦିଲୀପ କୁମାର ପଣ୍ଡା, ପ୍ରକାଶ ରଞ୍ଜନ ସାହୁ, ସୁଧାକର ସାହୁ, ପ୍ରସନ୍ନ କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଧାରଣାରେ ବସିଥିଲେ।

### ଧାନବସ୍ତା ରଖି ଜିଲାପାଳଙ୍କ ଅଫିସ ଘେରିଲେ ଚାଷୀ



### ଅଙ୍ଗନୱାଡି କେନ୍ଦ୍ରରେ ଅନିୟମିତତା ଅଭିଯୋଗ

**ଖୋର୍ଦ୍ଧା ଅଫିସ,୧୫।୩**

ଭୁବନେଶ୍ୱର ବ୍ଲକ ଅନ୍ଧାରୁଆ ପଞ୍ଚାୟତର ଦାସୁପୁର ଗ୍ରାମ ଅଙ୍ଗନୱାଡି କେନ୍ଦ୍ର-୨ରେ ବ୍ୟାପକ ଅନିୟମିତତା ଚାଲିଥିବା ନେଇ ମଙ୍ଗଳବାର ଏକାଧିକ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଗର୍ଭବତୀ ଓ ଶିଶୁଙ୍କ ସ୍ୱାସ୍ଥ୍ୟର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ଅଙ୍ଗନୱାଡି ମାଧ୍ୟମରେ ଉଭୟଙ୍କୁ ପୁଷ୍ଟିକର ଯୁକ୍ତ ଖାଦ୍ୟ ଦିଆଯାଉଛି। ତେବେ ଉକ୍ତ ଅଙ୍ଗନାୱାଡି କେନ୍ଦ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଗତ ୪ମାସ ହେବ ହିତାଧିକାରୀଙ୍କୁ ଅଣ୍ଡା, ଛତୁଆ, ଚାଉଳ, ଡ୍ରେସ୍, ଜୋତା ଆଦି ସାମଗ୍ରୀ ଦିଆଯାଉନାହିଁ। ପିଲାଙ୍କ ପାଇଁ ଉଦ୍ଦେଶ୍ୟରେ ଆସୁଥିବା ସାମଗ୍ରୀ ମିଳିମିଶି ହରିଲୁଟ କରୁଛନ୍ତି। ଏହାର ନିରପେକ୍ଷ ତଦନ୍ତ ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଗ୍ରାମବାସୀ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।



ପାଇ ଦିବସ ପାଳନ ଅବସରରେ ଖୋର୍ଦ୍ଧା ବିଜେବି ହାଇସ୍କୁଲ ଛାତ୍ରଙ୍କ ପକ୍ଷରୁ ପ୍ରଦର୍ଶନ କାର୍ଯ୍ୟକ୍ରମ।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ବେଗୁନିଆ,୧୫।୩(ଡି.ଏନ୍.ଏ.)**

ବେଗୁନିଆ ଥାନା ଅଧୀନ ବେଗୁନିଆ କାମନାସାହିରୁ ମଙ୍ଗଳବାର ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତା ହେଲେ ରଶ୍ମିତା ପୃଷ୍ଟି(୩୧)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ.୪/୨୨)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ମଙ୍ଗଳବାର ଅପରାହ୍ନ ୪ଟାରେ ରଶ୍ମିତା ଘର ପଞ୍ଝାରେ ଝୁଲୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମାନସିକ ଭାରସାମ୍ୟ ହରାଇ ରଶ୍ମିତା ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ବିଦ୍ୟାର୍ଥୀଙ୍କ ଜ୍ଞାନ ଆହରଣକୁ ଶାଣିତ କରେ ଖବରକାଗଜ



**ବେଗୁନିଆ,୧୫।୩(ଡି.ଏନ୍.ଏ.)**

ଛାତ୍ର ପ୍ରତିଭା ବିକାଶ ଗବେଷଣା ଓ ପ୍ରଶିକ୍ଷଣ କେନ୍ଦ୍ର ଏବଂ ରାଧାବଲ୍ଲଭ ପାଠାଗାର ଗଡ଼ମାଣତୀର ଆନୁକୂଲ୍ୟରେ ବେଗୁନିଆ ସଦର ମହକୁମାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ‘ବିଦ୍ୟାର୍ଥୀଙ୍କ ବୌଦ୍ଧିକ ବିକାଶରେ ଖବରକାଗଜର ଭୂମିକା’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗଣେଶ୍ୱର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଡ.ଗଣେଶ୍ୱର ସ୍ୱାଇଁ, ବକ୍ତାଭାବେ ଅକ୍ଷୟ କୁମାର ମହାପାତ୍ର, ଅତିଥିଭାବେ ଅଭୟ କୁମାର ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାର୍ଥୀମାନେ ପାଠପଢ଼ା ସହ ବିଭିନ୍ନ ଭାଷାରେ ଦୈନିକ ପ୍ରକାଶ ପାଉଥିବା ଖବରକାଗଜ ପଢିବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ସ୍ୱାଇଁ କହିଥିଲେ। ଖବରକାଗଜରେ ମାତ୍ରାଧିକ ଶିକ୍ଷଣୀୟ ବିଷୟ ରହିଥିବାରୁ ପଢିବା ଦ୍ୱାରା ଜ୍ଞାନର ପରିସର ଶାଣିତ ହେବା ସହ ଉତ୍ତମ ବ୍ୟକ୍ତିତ୍ୱ ଗଠନରେ ସହାୟ ହୋଇଥାଏ ବୋଲି ମହାପାତ୍ର କହିଥିଲେ। ଏହି ଅବସରରେ ଖବରକାଗଜ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ବିଗତ ଦିନରେ ପ୍ରକାଶିତ ବିଭିନ୍ନ ଭାଷା ସମ୍ବନ୍ଧୀୟ ଖବରକାଗଜକୁ ସାଇତି ରଖିଥିବା ଶିକ୍ଷାବିତ୍ ବଳରାମ ରଣସିଂହ ପ୍ରଦର୍ଶନୀରେ ସ୍ଥାନିତ କରିଥିଲେ। ରଣସିଂହଙ୍କ ଉଦ୍ୟମରେ ୯୦ଟି ଖବରକାଗଜରୁ ପିଲାଙ୍କ ଶିକ୍ଷଣୀୟ ବିଷୟବସ୍ତୁକୁ ନେଇ ଛପାଯାଇଥିବା ପୁସ୍ତକ ପିଲାମାନଙ୍କ ପାଇଁ ଆଦୃତ ହୋଇପାରିଛି। ଲକ୍ଷ୍ମୀପ୍ରିୟା ପାଳ, ଶ୍ରୁତି ପଟ୍ଟନାୟକ, ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

## ଦାବି ପୂରଣ ନ ହେଲେ ଆନ୍ଦୋଳନ

**ବୋଲଗଡ଼,୧୫।୩(ଡି.ଏନ୍.ଏ.)**

ଦୀର୍ଘଦିନ ଧରି ବୋଲଗଡ଼ ବ୍ଲକ ମହିଳା ଓ ଶିଶୁବିକାଶ ପ୍ରକଳ୍ପରେ ବିଭିନ୍ନ ସମସ୍ୟା ଲାଗିରହିଥିବାରୁ ଅଙ୍ଗନୱାଡି କର୍ମୀ ଓ ସହାୟକ ହଇରାଣ ହେଉଛନ୍ତି। ପୂର୍ବରୁ ଏନେଇ ସିଡିପିଓଙ୍କୁ ବୋଲଗଡ଼ ବ୍ଲକ ଅଙ୍ଗନୱାଡି ସଂଘ ପକ୍ଷରୁ ଅଭିଯୋଗ ହୋଇଥିଲେ ମଧ୍ୟ ସୁଫଳ ମିଳିପାରି ନାହିଁ। ସୋମବାର ଅଙ୍ଗନୱାଡି କର୍ମୀମାନେ ସିଡିପିଓ କୃଷ୍ଣପ୍ରିୟା ପ୍ରଧାନଙ୍କୁ ୮ଦଫା ସମ୍ବଳିତ ଦାବିପତ୍ର ଦେବାକୁ ଆସିଥିଲେ ମଧ ଦେଇ ପାରି ନ ଥିବା ଜଣାପଡ଼ିଛି। ନିୟମିତ ଦରମା ନ ମିଳିବା, ଚାଉଳ ନ ମିଳିବା, ବହୁ ଅଙ୍ଗନୱାଡି କେନ୍ଦ୍ରରେ ଗ୍ୟାସ ଯୋଗାଣ ନ ହେବା, ଦୀର୍ଘଦିନ ହେବ କର୍ମୀମାନଙ୍କୁ ରେଜିଷ୍ଟ୍ରର ଖାତା, ଏମିଆର ଫରମାଟ, ନୂତନ ଅନୁସନ୍ଧାନ ଖାତା ଯୋଗାଣ ନ ହେବା, ବାରମ୍ବାର କର୍ମୀଙ୍କୁ ପ୍ରକଳ୍ପ କାର୍ଯ୍ୟାଳୟକୁ ଡକାଇବା ଆଦି ଦାବି ରହିଛି। ଅପରାହ୍ନ ୪ଟା ୩୦ ପର୍ଯ୍ୟନ୍ତ କୌଣସି କାରଣରୁ ସିଡିପିଓ ପ୍ରଧାନଙ୍କ ସହ ଆଲୋଚନା ନ ହୋଇପାରିବାରୁ ଅଙ୍ଗନୱାଡି ସଂଘର ସଭାନେତ୍ରୀ ମେରିଆ ବେଗମ, ସମ୍ପାଦିକା ନମିତା ପ୍ରଧାନ, ଉପସଭାନେତ୍ରୀ ପ୍ରତିମା ଦେଈ, ସହସମ୍ପାଦିକା ପ୍ରଭାସିନୀ ମହାରାଣା ପ୍ରମୁଖ କାର୍ଯ୍ୟାଳୟ ଆଗରେ ହୋହଲ୍ଲା କରିବା ସହ ଫେରିଯାଇଥିଲେ। ତୁରନ୍ତ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ଲୋକକଳାର ସାଧକ ଥିଲେ ଚକ୍ରଧର

**ବେଗୁନିଆ,୧୫।୩(ଡି.ଏନ୍.ଏ.)**

କଳାକାର ଚକ୍ରଧର ମହାପାତ୍ରଙ୍କ ସ୍ମୃତିଚାରଣ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବ୍ଲକ ପୋଡ଼ାଡ଼ିହ ଗ୍ରାମସ୍ଥିତ ତାଙ୍କ ବାସଭବନ ପରିସରରେ ଶ୍ୟାମସୁନ୍ଦର ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଗାୟକ ଭାଷାରତ୍ନ ଖଗେଶ୍ୱର ମାର୍ଥା, ଶିକ୍ଷାବିତ୍ ଡ.ଗଣେଶ୍ୱର ସ୍ୱାଇଁ, ଶିକ୍ଷକ ରାମଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ସଂସ୍କୃତି ଓ କଳାକାର ଜଗତରେ ଅନେକ ପ୍ରତିଭାର ଅଧିକାରୀ ଥିଲେ ଚକ୍ରଧର। ବିଶେଷକରି ଲୋକକଳା ଭାବେ ଆଦୃତି ଲାଭ କରିଥିବା ଦାସକାଠିଆ ଗାଇବା ଓ ପାଳିଆ ଭାବେ ନିଜର ନିଖୁଣ ପ୍ରତିଭାକୁ ଲୋକାଭିମୁଖୀ କରିପାରୁଥିଲେ ବୋଲି ଅତିଥି ପାଣିଗ୍ରାହୀ କହିଥିଲେ। ଏହି ଅବସରରେ ‘ଚର୍ଚ୍ଚିତ ଚକ୍ରଧର’ ନାମକ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିଶିର ଆଚାର୍ଯ୍ୟ, ଚକ୍ରଧର ଦେବତା, ମୁରଲୀଧର ବେହେରା, ବୃନ୍ଦାବନ ମାଣିକ, ବାଉରି ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସହରର ବିକାଶକୁ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୧୫।୩**

ଖୋର୍ଦ୍ଧା ପୌର ନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ମଙ୍ଗଳବାର ଠାରୁ ବିଭିନ୍ନ ଦଳର ପ୍ରାର୍ଥୀମାନେ ୱାର୍ଡ ଟୁ ୱାର୍ଡ, ଡୋର୍ ଟୁ ଡୋର୍ ବୁଲି ଜୋରଦାର ପ୍ରଚାର ଆରମ୍ଭ କରିଛନ୍ତି। ପଞ୍ଚାୟତ ନିର୍ବାଚନରେ ପରାଜୟ ପରେ ଭାଜପା ଓ କଂଗ୍ରେସ ପୌର ନିର୍ବାଚନରେ ବିଜେଡିକୁ କଡ଼ା ଟକ୍କର ଦେବା ଲାଗି ଅଣ୍ଟା ଭିଡିଛନ୍ତି। ଚଳିତ ବର୍ଷ ପୌରାଧକ୍ଷ ନିର୍ବାଚନ ଉପରେ ସମସ୍ତଙ୍କ ନଜର ରହଥିବା ବେଳେ ତିନି ପ୍ରମୁଖ ଦଳ ବିକାଶକୁ ମୁଦ୍ଦା କରିଛନ୍ତି। ବିଜେଡି ପ୍ରାର୍ଥୀ କନକଲକ୍ଷ୍ମୀ ମହାନ୍ତି ପୂର୍ବରୁ ଥରେ କାଉନସିଲର ରହିଥିଲେ। କଂଗ୍ରେସ ପ୍ରାର୍ଥୀ ବିନୋଦିନୀ ମହାପାତ୍ର ପ୍ରଥମ ଥର ଲାଗି ରାଜନୀତିକୁ ଓହ୍ଲାଇଥିବା ବେଳେ ଭାଜପା ପ୍ରାର୍ଥୀ କୁନିଲତା ସ୍ୱାଇଁଙ୍କ ରାଜନୀତିରେ ଅଭିଜ୍ଞତା ରହିଛି। ବିଜେଡି ପ୍ରାର୍ଥୀ ମହାନ୍ତି କହିଛନ୍ତି, ଖୋର୍ଦ୍ଧା ସହରର ସ୍ୱତନ୍ତ୍ର ପରିଚୟ ରହିଛି। ଏକ ମଡେଲ ସହର ଭାବେ ଗଢି ତୋଳିବାକୁ ଲକ୍ଷ୍ୟ ରଖିଛି। ପର୍ଯ୍ୟଟନର ବିକାଶ ସହ ଲୋକଙ୍କୁ ପାନୀୟଜଳ, ସ୍ୱାସ୍ଥ୍ୟ, କ୍ରୀଡାର ଭିତ୍ତିଭୂମି ବିକାଶ, ଅତ୍ୟାଧୁନିକ ପାର୍କ ଆଦି ଲକ୍ଷ୍ୟ ରହିଛି। ବିପୁଳ ଭୋଟରେ ବିଜୟୀ ହେବେ ବୋଲି ଆଶା ରଖିଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ବିନୋଦିନୀ କହିଛନ୍ତି, ଖୋର୍ଦ୍ଧା ଏକ ଐତିହ୍ୟ ସମ୍ପନ୍ନ ସହର। ଐତିହାସିକ ଗଡଖୋର୍ଦ୍ଧା, ବରୁଣେଇ ପାହାଡ, ସବୁଜିମା ଭରା ପରିବେଶ ରହିଛି। ଶିଳ୍ପ ଓ ପର୍ଯ୍ୟଟନର ବିକାଶ ସହ ସବୁ କ୍ଷେତ୍ରରେ ଖୋର୍ଦ୍ଧା ସହର ଏକ ନମ୍ବର ହୋଇପାରିବ। ସେହି ଲକ୍ଷ୍ୟ ନେଇ ମଇଦାନକୁ ଓହ୍ଲାଇଛି। ଭାଜପା ପ୍ରାର୍ଥୀ କୁନିଲତା କୁହନ୍ତି, ଜିଲା ଗଠନ ହେବାର ୨୮ବର୍ଷ ପରେ ମଧ ଖୋର୍ଦ୍ଧାର କୌଣସି ପରିବର୍ତ୍ତନ ଆସିପାରିନାହିଁ। ଦୀର୍ଘ ଦଶନ୍ଧି ଧରି ଖୋର୍ଦ୍ଧା ବିଜେଡି ହାତରେ ରହିଥିଲେ ମଧ ଖୋର୍ଦ୍ଧା ସହରର ବିକାଶ ହୋଇପାରି ନାହିଁ। ଖୋର୍ଦ୍ଧାରେ ଏକ ଉନ୍ନତ ସହରର ପରିକଳ୍ପନା ରହିଛି। ଯୋଜନା ଲୋକାଭିମୁଖୀ ହେବା ସହ ଜନହିତକର କାର୍ଯ୍ୟର ସଫଳ ରୂପାୟନ ଲକ୍ଷ୍ୟ ରହିବ।

### ବୁଥ୍ ଅଧିକାରୀଙ୍କୁ ତାଲିମ୍



ବୁଥ୍ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଉଛି।

**ବାଲୁଗାଁ,୧୫।୩(ଡି.ଏନ୍.ଏ.)**

ଆସନ୍ତା ୨୪ ତାରିଖରେ ପୌର ନିର୍ବାଚନ ହେବାକୁ ଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ଏଥିପାଇଁ ତତ୍ପରତା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ଭୋଟଗ୍ରହଣ କେନ୍ଦ୍ର ପାଇଁ ନିୟୋଜିତ ବୁଥ୍ ଅଧିକାରୀ ତଥା ସେକ୍ଟର ଓ ପ୍ରିଜାଇଡିଂ ଅଫିସରଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଭାଗୀୟ ସରକାରୀ କର୍ମଚାରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ସହକାରୀ ଜିଲାପାଳ ବିଦ୍ୟାରଶ୍ମି ସାହୁ, ନିର୍ବାଚନ ଅଧିକାରୀ ତଥା ଚିଲିକା ତହସିଲଦାର ସୁରେଶ ଚନ୍ଦ୍ର ପଣ୍ଡା, ବାଣପୁର ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ବାଲଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ ଉପସ୍ଥିତ ରହି ନିର୍ବାଚନକୁ କିପରି ଶୃଙ୍ଖଳିତଭାବେ ପରିଚାଳନା କରାଯିବ ସେ ଦିଗରେ ତାଲିମ୍ ପ୍ରଦାନ କରିଥିଲେ।

### ତ୍ରିମୂର୍ତ୍ତି ଶିବ ଜୟନ୍ତୀ ଉତ୍ସବ



**ନିରାକାରପୁର,୧୫।୩(ଡି.ଏନ୍.ଏ.)**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପବିତ୍ର ଜାଗର ଅବସରରେ ମାସାଧିକାଳ ବିଭିନ୍ନ ଅନୁଷ୍ଠାନରେ ଶିବ ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଖୋର୍ଦ୍ଧା ଜିଲା ବଡପୋଖରୀଆ ପଞ୍ଚାୟତ ଅନ୍ତର୍ଗତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସାମାଜିକକର୍ମୀ ସଚିନ ବଳିୟାରସିଂହଙ୍କ ଆବାହାକତ୍ୱରେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲିନା ଭଉଣୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁଜରାଟ ଭାବନଗରସ୍ଥିତ ବିଶ୍ୱବିଦ୍ୟାଳୟର ରଶିଳା ଭଉଣୀ, କ୍ରିଷ୍ଣା ଭଉଣୀ, ଚେତନା ଭଉଣୀ, ଭାରତୀ ଭଉଣୀ ଶ୍ରଦ୍ଧାଳୁଙ୍କୁ ଶିବ ସନ୍ଦେଶ ପ୍ରଦାନ କରିଥିଲେ। ଗୁଜରାଟରୁ ଆସିଥିବା ଭାଇ ଓ ଭଉଣୀ ଗରବା ନୃତ୍ୟ ପ୍ରଦର୍ଶନ କରିଥିଲେ। ଭାବନା ଭଉଣୀ ଧନ୍ୟବାଦ ଦେଇଥିଲେ।

## ଦେଢ଼ମାସରେ ପକ୍ଷ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ଖୋର୍ଦ୍ଧା ଅଫିସ,୧୫।୩**

ଖୋର୍ଦ୍ଧା ଗୁରୁଜଙ୍ଗ ଗ୍ରାମସ୍ଥିତ ଗୋଚର ଜମିରେ ବେଆଇନ ଭାବେ ଖେଳପଡ଼ିଆ ନିର୍ମାଣ କରାଯାଉଥିବା ନେଇ କୃଷ୍ଣଚନ୍ଦ୍ର ସାହୁ ଓ ଜିତେନ୍ଦ୍ର ସାହୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ଏଥିରେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଶାସନ ସଚିବ ଓ କମିଶନର, ଖୋର୍ଦ୍ଧା ଜିଲାପାଳ, ତହସିଲଦାର, ଖୋର୍ଦ୍ଧା କାର୍ଯ୍ୟନିର୍ବାହୀ ଅଧିକାରୀ, କସ୍ତୁରୀ ମହିଳା ସମିତି ସଭାପତି ବାସନ୍ତୀ ସ୍ୱାଇଁ ଓ ସମ୍ପାଦକ ଶର୍ମିଷ୍ଠା ପଟ୍ଟନାୟକଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଦେଢ଼ ମାସ ମଧ୍ୟରେ ଏହାର ପକ୍ଷ ରଖିବାକୁ ହାଇକୋର୍ଟଙ୍କ ଜଣକିଆ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

### ଗୋଚରଜମିରେ ଖେଳପଡ଼ିଆ ନିର୍ମାଣ ଘଟଣା

ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ ଯୋଜନା (ମୁକ୍ତା)ରେ ପୌର ପ୍ରଶାସନ ପକ୍ଷରୁ ୮ଲକ୍ଷ ୫୦ହଜାର ଟଙ୍କା ବ୍ୟୟ ଅଟକଳରେ ଗୋଚରଜମିରେ ଖେଳପଡିଆ ନିର୍ମାଣ ଚାଲିଛି। ସ୍ଥାନୀୟ କସ୍ତୁରୀ ମହିଳା ସମିତି ଏହି ଖେଳପଡିଆ ନିର୍ମାଣ ଦାୟିତ୍ୱରେ ରହିଛି। ନିର୍ମାଣାଧୀନ ଖେଳପଡିଆ ଖାତା ନଂ.୬୪୭ ପ୍ଲଟ ନଂ.୯୮୦ ଗୋଚର ଏରିଆ-ଏ ୧୦.୬୦୦ଡିରୁ ଏ ୧.୦୦୦ଡିରେ ଚାଲିଛି। ଗୁରୁଜଙ୍ଗରେ ଖେଳପଡିଆ ପାଇଁ ଉପଯୁକ୍ତ ସ୍ଥାନ ରହିଥିବା ବେଳେ ବେଆଇନ ଭାବେ ଗୋଚରଜମିରେ ଏହି ଖେଳପଡିଆ ନିର୍ମାଣ କରାଯାଉଛି। ଏନେଇ ପୌର ପ୍ରଶାସନ ପକ୍ଷରୁ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରାଯାଇ ନାହିଁ। ଏଠାରେ ଖେଳପଡିଆ ନିର୍ମାଣ କରାଗଲେ, ଗ୍ରାମର ଗୋରୁଗାଈ ଚରାବୁଲାରୁ ବଞ୍ଚିତ ହେବେ। ଗୁରୁଜଙ୍ଗ ଗ୍ରାମର ଅନେକ ଗୋଚରଜମି ଜବରଦଖଲରେ ରହିଛି। ଦିନକୁ ଦିନ ଗୋଚରଜମି କମିବାରେ ଲାଗିଛି। ଗୋଚରଜମିରେ ଖେଳପଡ଼ିଆ ନିର୍ମାଣ ଚାଲିଥିବା ନେଇ ପୌର କାର୍ଯ୍ୟନିର୍ବାହୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ନିର୍ବାହୀ ଅଧିକାରୀ ନୀରବଦ୍ରଷ୍ଟା ସାଜିଛନ୍ତି। ଖେଳପଡିଆ କରୁଥିବା ସମ୍ପୃକ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଅନେକ ଉନ୍ନୟନମୂଳକ କାର୍ଯ୍ୟ ନିମ୍ନମାନର କରୁଥିବା ନେଇ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି। ଏହା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଗୋଚରଜମିରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ସ୍ଥଗିତ ରଖିବା ସହ କାର୍ଯ୍ୟର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଲାଗି ଏକାଧିକ ଗ୍ରାମବାସୀ ପୂର୍ବରୁ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଏହି ଜନସ୍ୱାର୍ଥ ମାମଲ ରୁଜୁ କରାଯାଇଛି ବୋଲି ପିଟିଶନକାରୀ ଜିତେନ୍ଦ୍ର ସାହୁ କହିଛନ୍ତି।

## ଆଗ୍ରାହାଟ ରାଜଦୋଳ ମେଳଣ

ଚୌଦ୍ୱାର,(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଆଗ୍ରାହାଟ ଉତ୍ତରେଶ୍ୱର ମନ୍ଦିର ନିକଟ ପଡିଆରେ ରାଜଦୋଳ ମେଳଣ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଠାରେ ଆତସବାଜି ପ୍ରତିଯୋଗିତା ହୋଇଥିଲା। ଦୋଳ ସମିତି ପକ୍ଷରୁ ଠାକୁରମାନଙ୍କୁ ଛନ୍ଦା ଭୋଗ ପ୍ରଦାନ ପରେ ମଙ୍ଗଳବାର ସକାଳେ ବିମାନଗୁଡିକ ନିଜ ଗ୍ରାମକୁ ପ୍ରସ୍ଥାନ କରିଥିଲେ। ମେଳଣରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଚୌଦ୍ୱାର ଆଇଆଇସି ବିରଞ୍ଚି ନାରାୟଣ ପତିଙ୍କ ତତ୍ତ୍ୱାବଧାନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ମଙ୍ଗଳବାର ଜଗତପୁରର ଅନ୍ଧାରୀ, ବୁଧବାର ଗୋଡ଼ିପାଟଣା, ଶୁକ୍ରବାର ଚୌଦ୍ୱାର ଓ ଶନିବାର ଫକୀରପୁରଠାରେ ମେଳଣ ଅନୁଷ୍ଠିତ ହେବ ବୋଲି ୪୪ ମଣ୍ଡଳ ରାଜଦୋଳ ସମିତି ସଭାପତି ଦୀପକ ମଙ୍ଗରାଜ, ରବୀନ୍ଦ୍ର ସାହୁ, ନବ କୁମାର ସାହୁ, ମୁକୁନ୍ଦଦେବ ବରାଳ, ଗଗନ ବେହେରା ପ୍ରମୁଖ କହିଛନ୍ତି।

## ସିଏମ୍‌ସି: ଚୂଡ଼ାନ୍ତ କର୍ପୋରେଟର ପ୍ରାର୍ଥୀ ତାଲିକା

| ୱାର୍ଡ ନଂ | ପ୍ରାର୍ଥୀଙ୍କ ନାମ | ଦଳ | ଚିହ୍ନ |
|---|---|---|---|
| ୱାର୍ଡ ନଂ:୧ | ଭାନୁ ସେନାପତି | କଂଗ୍ରେସ | ହାତ |
| | ଜାନକୀ ବେହେରା | ଭାଜପା | ପଦ୍ମ |
| | ନମିତା ସାହୁ | ବିଜେଡି | ଶଙ୍ଖ |
| ୱାର୍ଡ ନଂ: ୨ | କଳ୍ପନା ବେହେରା | ଭାଜପା | ପଦ୍ମ |
| | ଗାୟତ୍ରୀ ଲେଙ୍କା | କଂଗ୍ରେସ | ହାତ |
| | ପୁଷ୍ପିତା ମହାନ୍ତି | ବିଜେଡି | ଶଙ୍ଖ |
| ୱାର୍ଡ ନଂ: ୩ | ତୋଫାନ କୁମାର | ସ୍ୱାଧୀନ | ସାଇକେଲ |
| | ପ୍ରଦୋଷ କୁମାର ଦାସ | କଂଗ୍ରେସ | ହାତ |
| | ସମୀର ବେହେରା | ସ୍ୱାଧୀନ | ରେଡିଓ |
| | ଶ୍ୟାମ ସୁନ୍ଦର ସାହୁ | ସ୍ୱାଧୀନ | କାର୍ଟ |
| | ଆକୁଳାନନ୍ଦ ମନ୍ତ୍ରୀ | ବିଜେଡି | ଶଙ୍ଖ |
| | ଦେବାଶିଷ ସାମନ୍ତରାୟ | ଭାଜପା | ପଦ୍ମ |
| | ପ୍ରଦୀପ କୁମାର ରାଉତ | ସ୍ୱାଧୀନ | ଡଙ୍ଗା |
| | ରମେଶ କୁମାର ମିଶ୍ର | ସ୍ୱାଧୀନ | ଶିଡି |
| ୱାର୍ଡ ନଂ: ୪ | ନିରୁପମା ମହାନ୍ତି | କଂଗ୍ରେସ | ହାତ |
| | ସୁମିତ୍ରା ସାମଲ | ଭାଜପା | ପଦ୍ମ |
| | ସ୍ମୃତିପ୍ରଜ୍ଞା ଭଞ୍ଜ | ସ୍ୱାଧୀନ | ଫଳନ୍ତି ନଡିଆଗଛ |
| | ପ୍ରିୟମ୍ବଦା ମହାନ୍ତି | ବିଜେଡି | ଶଙ୍ଖ |
| | ରୀତା ସ୍ୱାଇଁ | ସ୍ୱାଧୀନ | ସାଇକେଲ |
| ୱାର୍ଡ ନଂ: ୫ | ବିଶ୍ୱଜିତା ଜେନା | ଭାଜପା | ପଦ୍ମ |
| | ସୁନିତା ରାଉତ | ବିଜେଡି | ଶଙ୍ଖ |
| | ଜୟଲକ୍ଷ୍ମୀ ପ୍ରତିହାରୀ | କଂଗ୍ରେସ | ହାତ |
| | ପ୍ରିୟମ୍ବଦା ସ୍ୱାଇଁ | ସ୍ୱାଧୀନ | ପୁଅଝିଅ |
| ୱାର୍ଡ ନଂ: ୬ | ସ୍ୱାତି ଅରୁନ୍ଧତି ମାଝି | ଭାଜପା | ପଦ୍ମ |
| | ରୀନା ବେହେରା | କଂଗ୍ରେସ | ହାତ |
| | ରୀତାଞ୍ଜଳି ବେହେରା | ବିଜେଡି | ଶଙ୍ଖ |
| ୱାର୍ଡ ନଂ: ୭ | ସୁଷମା ମାଝି | କଂଗ୍ରେସ | ହାତ |
| | ସ୍ନେହା ମଞ୍ଜରୀ ମହାନ୍ତି | ଭାଜପା | ପଦ୍ମ |
| | ମମତା ନାୟକ | ବିଜେଡି | ଶଙ୍ଖ |
| ୱାର୍ଡ ନଂ: ୮ | ସଞ୍ଜୟ କୁମାର ନାୟକ | ସ୍ୱାଧୀନ | ସାଇକେଲ |
| | ଅଜିତ କୁମାର ବେହେରା | କଂଗ୍ରେସ | ହାତ |
| | ସତ୍ୟରଞ୍ଜନ ଦାସ | ଭାଜପା | ପଦ୍ମ |
| | ରଞ୍ଜିତା ଦାସ | ସ୍ୱାଧୀନ | ରେଳ ଇଞ୍ଜିନ |
| | ନମିତା ବାରିକ | ବିଜେଡି | ଶଙ୍ଖ |
| | ସତ୍ୟବ୍ରତ ରଣା | ସ୍ୱାଧୀନ | ଫଳନ୍ତି ନଡିଆ ଗଛ |
| ୱାର୍ଡ ନଂ: ୯ | ସ୍ମୃତିରଞ୍ଜନ ଦାସ | ବିଜେଡି | ଶଙ୍ଖ |
| | କାମାକ୍ଷା ପ୍ରସାଦ ମିଶ୍ର | ଭାଜପା | ପଦ୍ମ |
| | ଜନ୍ ଆଶୁତୋଷ ଦାସ | କଂଗ୍ରେସ | ହାତ |
| | ବିକାଶ ରଞ୍ଜନ ବେହେରା | ସ୍ୱାଧୀନ | ରେଳ ଇଞ୍ଜିନ |
| ୱାର୍ଡ ନଂ: ୧୦ | କାଦମ୍ବିନୀ ମଲିଆ | ଭାଜପା | ପଦ୍ମ |
| | ସନ୍ଧ୍ୟାରାଣୀ ସ୍ୱାଇଁ | କଂଗ୍ରେସ | ହାତ |
| | ମୋନାଲିସା ଦାସ | ବିଜେଡି | ଶଙ୍ଖ |
| | ଜୟଶ୍ରୀ ପଶ୍ଚିମିରା | ସ୍ୱାଧୀନ | ଫଳନ୍ତି ନଡିଆ ଗଛ |
| | ସତ୍ୟଭାମା ପାତ୍ର | ସ୍ୱାଧୀନ | ସାଇକେଲ |
| ୱାର୍ଡ ନଂ: ୧୧ | ଆରତି ସାହୁ | ବିଜେଡି | ଶଙ୍ଖ |
| | କୁନ୍ତଳା ବେହେରା | କଂଗ୍ରେସ | ହାତ |
| | ରୀତା ମହାପାତ୍ର | ଭାଜପା | ପଦ୍ମ |
| ୱାର୍ଡ ନଂ: ୧୨ | ସୁପ୍ରୀତି ଦାସ | ଭାଜପା | ପଦ୍ମ |
| | ଚିନ୍ମୟୀ ଜେନା | କଂଗ୍ରେସ | ହାତ |
| | ଦୀପାଞ୍ଜଳି ସିଂ | ବିଜେଡି | ଶଙ୍ଖ |
| | ଦୀପ୍ତିମୟୀ ପଣ୍ଡା | ଏଏପି | ଝାଡୁ |
| ୱାର୍ଡ ନଂ:୧୩ | ସତ୍ୟରଞ୍ଜନ ତ୍ରିପାଠୀ | ବିଜେଡି | ଶଙ୍ଖ |
| | ପ୍ରଦୀପ କୁମାର ଦ୍ୱିବେଦୀ | କଂଗ୍ରେସ | ହାତ |
| | ଶିବ ଶଙ୍କର ଦାସ | ଭାଜପା | ପଦ୍ମ |
| | ଅଶୋକ କୁମାର ସାହୁ | ସ୍ୱାଧୀନ | ଫଳନ୍ତି ନଡିଆ ଗଛ |
| | ରାଜେଶ କୁମାର ସିଂ | ସ୍ୱାଧୀନ | ଦୁଆତ ଓ କଲମ |
| ୱାର୍ଡ ନଂ:୧୪ | ମହମ୍ମଦ ଫରାଦ | ସ୍ୱାଧୀନ | ରେଳ ଇଞ୍ଜିନ |
| | ନାରାୟଣ ସାହୁ | ସ୍ୱାଧୀନ | ଫଳନ୍ତି ନଡିଆ ଗଛ |
| | ବସନ୍ତ କୁମାର ବେହେରା | ବିଜେଡି | ଶଙ୍ଖ |
| | ମହମ୍ମଦ ଇମ୍ରାନ | କଂଗ୍ରେସ | ହାତ |
| | ଶଙ୍କର ଆଚାର୍ଯ୍ୟ | ସ୍ୱାଧୀନ | ସାଇକେଲ |
| | ରଘୁନାଥ ଦତ୍ତ | ଭାଜପା | ପଦ୍ମ |
| | ସୁଲତାନା ବେଗମ | ସ୍ୱାଧୀନ | ପାତ୍ର |
| ୱାର୍ଡ ନଂ:୧୫ | ରୀତା ମହାନ୍ତି | ବିଜେଡି | ଶଙ୍ଖ |
| | ନମିତା ମିଶ୍ର | ଭାଜପା | ପଦ୍ମ |
| | ଲିଜାରାଣୀ ରାଉତ | କଂଗ୍ରେସ | ହାତ |
| ୱାର୍ଡ ନଂ:୧୬ | ଦମୟନ୍ତୀ ଦାସ | କଂଗ୍ରେସ | ହାତ |
| | ଉର୍ବଶୀ ବେହେରା | ଭାଜପା | ପଦ୍ମ |
| | ଲକ୍ଷ୍ମୀପ୍ରିୟା ବେହେରା | ବିଜେଡି | ଶଙ୍ଖ |
| ୱାର୍ଡ ନଂ:୧୭ | ସୀମାରାଣୀ ସିଂ | ଭାଜପା | ପଦ୍ମ |
| | ଏ. ଶ୍ରୀଦେବୀ | ବିଜେଡି | ଶଙ୍ଖ |
| | ଆବେଦା ବେଗମ୍ | କଂଗ୍ରେସ | ହାତ |
| ୱାର୍ଡ ନଂ: ୧୮ | ଜ୍ୟୋତିପ୍ରକାଶ ସାହୁ | ଭାଜପା | ପଦ୍ମ |
| | ସେକ୍ ଲିଆକତଉଦ୍ଦିନ ଅହମ୍ମଦ | କଂଗ୍ରେସ | ହାତ |
| | ମହମ୍ମଦ ଇଫତାକର ଆଲମ୍ | ବିଜେଡି | ଶଙ୍ଖ |
| | ଅରୁଣ କୁମାର ସେଠୀ | ସ୍ୱାଧୀନ | ସାଇକେଲ |
| | ସେକ୍ ଜାନୀ | ସ୍ୱାଧୀନ | ରେଳ ଇଞ୍ଜିନ |
| ୱାର୍ଡ ନଂ:୧୯ | କୁରେସା ନୁର୍ | ବିଜେଡି | ଶଙ୍ଖ |
| | ଚାରୁଲତା ସାହୁ | କଂଗ୍ରେସ | ହାତ |
| | ୱାଇ. ୱାଣୀ | ଭାଜପା | ପଦ୍ମ |
| | ଅଫସାନା ଖାନମ୍ | ସ୍ୱାଧୀନ | ପାତ୍ର |
| ୱାର୍ଡ ନଂ:୨୦ | ଲକ୍ଷ୍ମୀଧର ବେହେରା | ଭାଜପା | ପଦ୍ମ |
| | ହରେକୃଷ୍ଣ ବେହେରା | କଂଗ୍ରେସ | ହାତ |
| | ପ୍ରଭାତ କୁମାର ବେହେରା | ବିଜେଡି | ଶଙ୍ଖ |
| ୱାର୍ଡ ନଂ:୨୧ | ଅଶୋକ କୁମାର ଶର୍ମା | ବିଜେଡି | ଶଙ୍ଖ |
| | କମ୍‌ଲେଶ ସାଗର | କଂଗ୍ରେସ | ହାତ |
| | ଦେବାନନ୍ଦ ସିଂ | ଭାଜପା | ପଦ୍ମ |
| ୱାର୍ଡ ନଂ:୨୨ | ହିମାଂଶୁ ରାଉତ | କଂଗ୍ରେସ | ହାତ |
| | ଚନ୍ଦନ ଜେନା | ବିଜେଡି | ଶଙ୍ଖ |
| | ବିଶ୍ୱଜିତ୍ ମହାପାତ୍ର | ଭାଜପା | ପଦ୍ମ |
| | ପୁଷ୍ପିତା ମହାପାତ୍ର | ସ୍ୱାଧୀନ | ପୁଅଝିଅ |
| ୱାର୍ଡ ନଂ:୨୩ | ସ୍ୱପ୍ନପ୍ରିୟା ମଲିକ | ଭାଜପା | ପଦ୍ମ |
| | ସକିନା ବେଗମ୍ | ସ୍ୱାଧୀନ | ସାଇକେଲ |
| | ଅରୁନ୍ଧତୀ କର | ବିଜେଡି | ଶଙ୍ଖ |
| | ଫରିଦା ବେଗମ୍ | କଂଗ୍ରେସ | ହାତ |
| ୱାର୍ଡ ନଂ:୨୪ | ସୋନାଲି ଦାସ | କଂଗ୍ରେସ | ହାତ |
| | ସବିତା ବେହେରା | ଭାଜପା | ପଦ୍ମ |
| | ଦୀପ୍ତିମୟୀ ମୂଳିଆ | ବିଜେଡି | ଶଙ୍ଖ |
| ୱାର୍ଡ ନଂ:୨୫ | ନିତାଇ ଚରଣ ନନ୍ଦ | ଭାଜପା | ପଦ୍ମ |
| | କର୍‌ନାଇନ ସତାର | କଂଗ୍ରେସ | ହାତ |
| | ସତ୍ୟରାମ ସାହୁ | ବିଜେଡି | ଶଙ୍ଖ |
| | ସୟିଦ ସାହାନୱାଜ ଅଲ୍ଲୀ | ସ୍ୱାଧୀନ | ଟପ୍ |
| ୱାର୍ଡ ନଂ:୨୬ | ଗଗନ କୁମାର ଓଝା | ଭାଜପା | ପଦ୍ମ |
| | ସେକ୍ ଇରଫାନ | କଂଗ୍ରେସ | ହାତ |
| | ସନ୍ତୋଷ ମହାପାତ୍ର | ବିଜେଡି | ଶଙ୍ଖ |
| ୱାର୍ଡ ନଂ:୨୭ | ମୀନକେତନ ଦାସ | ଭାଜପା | ପଦ୍ମ |
| | ସୁରେଶ କୁମାର ଶର୍ମା | ସ୍ୱାଧୀନ | ସାଇକେଲ |
| | କେଦାର ପୃଷ୍ଟି | କଂଗ୍ରେସ | ହାତ |
| | ଇତିଶ୍ରୀ ଦାଶ | ବିଜେଡି | ଶଙ୍ଖ |
| | ଊର୍ମିଳା ଜେନା | ସ୍ୱାଧୀନ | ଜଳନ୍ତା ମଶାଲ |
| ୱାର୍ଡ ନଂ:୨୮ | ବୈଶାଳୀ ବେହେରା | କଂଗ୍ରେସ | ହାତ |
| | ବନଲତା ପ୍ରଧାନ | ବିଜେଡି | ଶଙ୍ଖ |
| | ଅଳକା ମହାନ୍ତି | ଭାଜପା | ପଦ୍ମ |
| | ସୁଶ୍ରୀ ନମିତା ଦାସ | ସ୍ୱାଧୀନ | ଫଳନ୍ତି ନଡ଼ିଆ ଗଛ |
| ୱାର୍ଡ ନଂ:୨୯ | ମାନିନୀ ରାଉତ | ଭାଜପା | ପଦ୍ମ |
| | ସସ୍ମିତା ଜେନା | କଂଗ୍ରେସ | ହାତ |
| | ସୁମିତ୍ରା ବସ୍ତିଆ | ସ୍ୱାଧୀନ | ସାଇକେଲ |
| | ମଧୁସ୍ମିତା ରାଉତ | ସ୍ୱାଧୀନ | ଫଳନ୍ତି ନଡ଼ିଆ ଗଛ |
| | ସ୍ୱପ୍ନା ମହାନ୍ତି | ବିଜେଡି | ଶଙ୍ଖ |
| ୱାର୍ଡ ନଂ:୩୦ | ସନତ ମାହାର | ଭାଜପା | ପଦ୍ମ |
| | ରବିନାରାୟଣ ସାହୁ | ବିଜେଡି | ଶଙ୍ଖ |
| | ଗୌରାଙ୍ଗ ବେହେରା | କଂଗ୍ରେସ | ହାତ |
| | ବିଶ୍ୱଜିତ ସେଠୀ | ସ୍ୱାଧୀନ | ଫଳନ୍ତି ନଡ଼ିଆ ଗଛ |
| ୱାର୍ଡ ନଂ:୩୧ | ସସ୍ମିତା ବାରିକ | କଂଗ୍ରେସ | ହାତ |
| | ପ୍ରତିମା ସାହୁ | ବିଜେଡି | ଶଙ୍ଖ |
| | ପଦ୍ମିନୀ ସାହୁ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| | କ୍ରିଷ୍ଣା ଭୋଳ | ଭାଜପା | ପଦ୍ମ |
| ୱାର୍ଡ ନଂ:୩୨ | ଧୀରେନ୍ଦ୍ର ନାଥ ସେଠୀ | କଂଗ୍ରେସ | ହାତ |
| | ପ୍ରଦୀପ ସାହୁ | ବିଜେଡି | ଶଙ୍ଖ |
| | ଅନନ୍ତ ନାରାୟଣ ଚିନ୍ତକ | ସ୍ୱାଧୀନ | ଦୁଆତ ଓ କଲମ |
| | ମନୋଜ କୁମାର ବେହେର | ଭାଜପା | ପଦ୍ମ |
| ୱାର୍ଡ ନଂ:୩୩ | କେ.ଜେଡ୍ ଆଫ୍ରିନ | ବିଜେଡି | ଶଙ୍ଖ |
| | ଆର୍ଯ୍ୟକନ୍ୟା ମହାରଣା | ଭାଜପା | ପଦ୍ମ |
| | ରେହେନା ତବସୁମ୍ | ସ୍ୱାଧୀନ | ସାଇକେଲ |
| | ଜୟଶ୍ରୀ ସାହୁ | କଂଗ୍ରେସ | ହାତ |
| ୱାର୍ଡ ନଂ:୩୪ | ସୁରେଶ ଚନ୍ଦ୍ର ମହାନ୍ତି | ସ୍ୱାଧୀନ | ଫଳନ୍ତି ନଡ଼ିଆ ଗଛ |
| | ରବୀନ୍ଦ୍ର କୁମାର ଶୁକ୍ଳା | ବିଜେଡି | ଶଙ୍ଖ |
| | ନମିତା ମଞ୍ଜରୀ ସାହୁ | କଂଗ୍ରେସ | ହାତ |
| | ଦୀପକ କୁମାର ଦାସ | ଭାଜପା | ପଦ୍ମ |
| ୱାର୍ଡ ନଂ:୩୫ | ଦିବ୍ୟରଞ୍ଜନ ସାହୁ | ସ୍ୱାଧୀନ | ସାଇକେଲ |
| | ଜେ. କାମେଶ୍ୱର ରାଓ | କଂଗ୍ରେସ | ହାତ |
| | ସଞ୍ଜୟ କୁମାର ରାମ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| | ପ୍ରେମଜିତ ସାହୁ | ସ୍ୱାଧୀନ | ଉଡାଜାହାଜ |
| | ଦୀପାଲି ବଳ ଭୂୟାଁ | ବିଜେଡି | ଶଙ୍ଖ |
| | ସୌମ୍ୟରଞ୍ଜନ ସ୍ୱାଇଁ | ଭାଜପା | ପଦ୍ମ |
| ୱାର୍ଡ ନଂ:୩୬ | ଦେବଶ୍ରୀ ରାଉତ | କଂଗ୍ରେସ | ହାତ |
| | ମଧୁସ୍ମିତା ବାରିକ | ବିଜେଡି | ଶଙ୍ଖ |
| | ସୁଚିତ୍ରା ରାୟ | ଭାଜପା | ପଦ୍ମ |
| ୱାର୍ଡ ନଂ:୩୭ | ଯତୀନ କୁମାର ବେହେରା | ବିଜେଡି | ଶଙ୍ଖ |
| | ମନୋଜ କୁମାର ଜେନା | କଂଗ୍ରେସ | ହାତ |
| | ନରହରି ଦାସ | ଭାଜପା | ପଦ୍ମ |
| | ଡଲି ଜେନା | ଏଏପି | ଝାଡୁ |
| ୱାର୍ଡ ନଂ:୩୮ | ତନୁଶ୍ରୀ ବେହେରା | ସ୍ୱାଧୀନ | ଶିଡି |
| | ସୁବାଶିଷ କୁମାର ପଟ୍ଟନାୟକ | କଂଗ୍ରେସ | ହାତ |
| | ଅଜୟ କୁମାର ମହାନ୍ତି | ସ୍ୱାଧୀନ | ଫଳନ୍ତି ନଡ଼ିଆ ଗଛ |
| | ତୁଳସୀ ଦାସ | ସ୍ୱାଧୀନ | ଝାଡୁ |
| | ବିଭୂତି ଭୂଷଣ ସ୍ୱାଇଁ | ବିଜେଡି | ଶଙ୍ଖ |
| ୱାର୍ଡ ନଂ:୩୯ | ବଟକୃଷ୍ଣ ସାହୁ | କଂଗ୍ରେସ | ହାତ |
| | ଲୋକନାଥ ଲେଙ୍କା | ସ୍ୱାଧୀନ | ଡ୍ରମ୍ |
| | ମନୋରଞ୍ଜନ ସାହୁ | ଭାଜପା | ପଦ୍ମ |
| | ଲଳିତ କୁମାର ଗୁପ୍ତା | ସ୍ୱାଧୀନ | ଶିଡି |
| | ଶ୍ରୀରାମ ପାଣ୍ଡେ | ସ୍ୱାଧୀନ | ରେଳ ଇଞ୍ଜିନ |
| ୱାର୍ଡ ନଂ:୪୦ | ସ୍ୱର୍ଣ୍ଣଲତା ବେହେରା | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| | ବିନୋଦିନୀ ବେହେରା | କଂଗ୍ରେସ | ହାତ |
| | ଝିଲି ବିହାରୀ | ବିଜେଡି | ଶଙ୍ଖ |
| | ଇତିଶ୍ରୀ ବେହେରା | ଭାଜପା | ପଦ୍ମ |
| ୱାର୍ଡ ନଂ:୪୧ | ସ୍ୱର୍ଣ୍ଣପ୍ରଭା ପଶାୟତ | କଂଗ୍ରେସ | ହାତ |
| | ସଙ୍ଗୀତା ଶର୍ମା | ସ୍ୱାଧୀନ | ରେଳ ଇଞ୍ଜିନ |
| | ଅନୁପମା ବେହେରା | ବିଜେଡି | ଶଙ୍ଖ |
| | ଫରିଦା ନଫିଜ୍ | ସ୍ୱାଧୀନ | ପାତ୍ର |
| | କାମିନୀ ବେହେରା | ଭାଜପା | ପଦ୍ମ |
| ୱାର୍ଡ ନଂ:୪୨ | ସରୋଜିନୀ ସାହୁ | ବିଜେଡି | ଶଙ୍ଖ |
| | ମାନିନୀ ସାହୁ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| | ସୀତାରାଣୀ ସାହୁ | ଭାଜପା | ପଦ୍ମ |
| | ଭାଗ୍ୟଲକ୍ଷ୍ମୀ ବେହେରା | କଂଗ୍ରେସ | ହାତ |
| ୱାର୍ଡ ନଂ:୪୩ | ସରୋଜିତ୍ ସାହୁ | କଂଗ୍ରେସ | ହାତ |
| | ଦୁର୍ଗାପ୍ରସାଦ ମହାନ୍ତି | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| | ଉମେଶ ପୃଷ୍ଟି | ସ୍ୱାଧୀନ | ପାତ୍ର |
| | ପ୍ରମିଳା ମହାନ୍ତି | ବିଜେଡି | ଶଙ୍ଖ |
| | ଚିରଞ୍ଜୀବ ଖଣ୍ଡାୟତରାୟ | ଭାଜପା | ପଦ୍ମ |
| ୱାର୍ଡ ନଂ:୪୪ | ଭରତ ବେହେରା | ସିପିଆଇ | ଦାଆ ଓ ମକା |
| | ପ୍ରଦୀପ କିଶୋର ଖୁଣ୍ଟିଆ | ବିଜେଡି | ଶଙ୍ଖ |
| | ସୌମେନ୍ଦ୍ର ପଲେଇ | ଭାଜପା | ପଦ୍ମ |
| | କିରଣବାଳା ମହାନ୍ତି | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| ୱାର୍ଡ ନଂ:୪୫ | ପ୍ରଦୀପ କୁମାର ସାହୁ | କଂଗ୍ରେସ | ହାତ |
| | ଅସିତ୍ କୁମାର ବେହେରା | ସ୍ୱାଧୀନ | ସାଇକେଲ |
| | ଗୋପାଳ ବେହେରା | ଭାଜପା | ପଦ୍ମ |
| | ଦେବାଶିଷ ସାହୁ | ସ୍ୱାଧୀନ | ଲଣ୍ଠନ |
| | କେଶବ ପଲେଇ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| | ଅକ୍ଷୟ କୁମାର ବେହେରା | ବିଜେଡି | ଶଙ୍ଖ |
| ୱାର୍ଡ ନଂ:୪୬ | ଭାଗ୍ୟଧର ନାୟକ | ସିପିଆଇ(ଏମ୍) | ହାତୁଡ଼ି, ଦାଆ ଓ ତାରା |
| | ଜ୍ୟୋତିରଞ୍ଜନ ରାୟ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| | ଦୀପ୍ତି ସ୍ୱାଇଁ | ଭାଜପା | ପଦ୍ମ |
| | ଅଜୟ ଗୋଚ୍ଛାୟତ | କଂଗ୍ରେସ | ହାତ |
| | ପ୍ରଲୟା ବେଉରା | ବିଜେଡି | ଶଙ୍ଖ |
| | ସତ୍ୟବ୍ରତ ରାଉତ | ସ୍ୱାଧୀନ | ଡଙ୍ଗା |
| ୱାର୍ଡ ନଂ:୪୭ | ଶୁଭ୍ର ମହାପାତ୍ର | ସିପିଆଇ(ଏମ୍) | ହାତୁଡ଼ି, ଦାଆ ଓ ତାରା |
| | ଚୌଧୁରୀ ସୁବ୍ରତ ଘଡେଇ | ବିଜେଡି | ଶଙ୍ଖ |
| | ସଞ୍ଜୟ କୁମାର ଜେନା | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| | ହରିପ୍ରିୟା ଧଳ | ଭାଜପା | ପଦ୍ମ |
| | କବିତା ଖଣ୍ଡାଇ | ସ୍ୱାଧୀନ | ପାତ୍ର |
| | ରତିକାନ୍ତ ଜେନା | ସ୍ୱାଧୀନ | ଶିଡି |
| ୱାର୍ଡ ନଂ:୪୮ | ଜୟଶ୍ରୀ ସାମଲ | କଂଗ୍ରେସ | ହାତ |
| | ମମତା ନାୟକ | ସ୍ୱାଧୀନ | ତାଲାଚାବି |
| | ମଧୁସ୍ମିତା ସାମଲ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| | ସରିତା ଶୁକ୍ଳା | ଭାଜପା | ପଦ୍ମ |
| | ପ୍ରତିଭା ବେହେରା | ସ୍ୱାଧୀନ | ପାତ୍ର |
| | ନଳିନୀ ବେହେରା | ବିଜେଡି | ଶଙ୍ଖ |
| ୱାର୍ଡ ନଂ:୪୯ | ସୁମତି ହେମ୍ବ୍ରମ୍ | କଂଗ୍ରେସ | ହାତ |
| | ବଙ୍ଗାଳି ହେମ୍ବ୍ରମ୍ | ଭାଜପା | ପଦ୍ମ |
| | ଦମୟନ୍ତୀ ମାଝି | ବିଜେଡି | ଶଙ୍ଖ |
| ୱାର୍ଡ ନଂ:୫୦ | ସନ୍ତୋଷ କୁମାର ଭୋଳ | କଂଗ୍ରେସ | ହାତ |
| | ଗୋବିନ୍ଦ ଚନ୍ଦ୍ର ଡାଲୁଆ | ସ୍ୱାଧୀନ | ପାତ୍ର |
| | ସମରେଶ କୁମାର ଭୂୟାଁ | ଭାଜପା | ପଦ୍ମ |
| | ମନୋରଞ୍ଜନ ମହାପାତ୍ର | ବିଜେଡି | ଶଙ୍ଖ |
| | ଦିଲୀପ କୁମାର କର | ସ୍ୱାଧୀନ | ଝାଡୁ |
| | ଶ୍ରୀମନ୍ତ କୁମାର ବିଶ୍ୱାଳ | ସ୍ୱାଧୀନ | ଡଙ୍ଗା |
| | ମନୋଜ କୁମାର ବସନ୍ତରାୟ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| ୱାର୍ଡ ନଂ: ୫୧ | ରାକେଶ ସ୍ୱାଇଁ | ଭାଜପା | ପଦ୍ମ |
| | ରାଜଲକ୍ଷ୍ମୀ ଖୁଣ୍ଟିଆ | ବିଜେଡି | ଶଙ୍ଖ |
| | ସବିତା ସ୍ୱାଇଁ | କଂଗ୍ରେସ | ହାତ |
| | କୈଳାସ ଚନ୍ଦ୍ର ବସ୍ତିଆ | ସ୍ୱାଧୀନ | ସାଇକେଲ |
| ୱାର୍ଡ ନଂ:୫୨ | ସୌଭାଗିନୀ ଜେନା | ବିଜେଡି | ଶଙ୍ଖ |
| | ରଶ୍ମିତା ସାହୁ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| | ସସ୍ମିତା ଆଚାର୍ଯ୍ୟ | କଂଗ୍ରେସ | ହାତ |
| | ସୁଜାତା ଦାସ | ଭାଜପା | ପଦ୍ମ |
| ୱାର୍ଡ ନଂ:୫୩ | ଲୀନା ରାଉତ | କଂଗ୍ରେସ | ହାତ |
| | ଲିପ୍ତିମୟୀ ମହାନ୍ତି | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| | ଅଭିଷେକ ପାଲ୍ | ସ୍ୱାଧୀନ | ଝାଡୁ |
| | ଅରବିନ୍ଦ ଜେନା | ବିଜେଡି | ଶଙ୍ଖ |
| | ଧୀର ପ୍ରସାଦ ମହାନ୍ତି | ଭାଜପା | ପଦ୍ମ |
| ୱାର୍ଡ ନଂ:୫୪ | ହିମାଂଶୁ ଶେଖର ସାହୁ | କଂଗ୍ରେସ | ହାତ |
| | ବିଶ୍ୱଜିତ୍ ଦାସ | ଭାଜପା | ପଦ୍ମ |
| | ତାପସ ରଞ୍ଜନ ସାମନ୍ତରାୟ | ବିଜେଡି | ଶଙ୍ଖ |
| | ନିର୍ମଳା ସାହୁ | ସ୍ୱାଧୀନ | ସାଇକେଲ |
| | ଶେଷାଂଶୁ ଶତପଥୀ | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| ୱାର୍ଡ ନଂ:୫୫ | ଶୁଭସ୍ମିତା ପଣ୍ଡା | କଂଗ୍ରେସ | ହାତ |
| | ବିଶ୍ୱବନ୍ଦିତା ପଣ୍ଡା | ବିଜେଡି | ଶଙ୍ଖ |
| | ବିନୋଦିନୀ ବାରିକ | ଭାଜପା | ପଦ୍ମ |
| ୱାର୍ଡ ନଂ: ୫୬ | କୁନି ସାମଲ | ବିଏସ୍‌ପି | ହାତୀ |
| | ଶ୍ୱେତା ମହାନ୍ତି | କଂଗ୍ରେସ | ହାତ |
| | ନିରୁପମା ବରାଳ | ବିଜେଡି | ଶଙ୍ଖ |
| | ଲିପ୍ସା ନାୟକ | ଭାଜପା | ପଦ୍ମ |
| ୱାର୍ଡ ନଂ:୫୭ | ନମିତା ମହାନ୍ତି | ଭାଜପା | ପଦ୍ମ |
| | ପୂର୍ଣ୍ଣିମା ସ୍ୱାଇଁ | ବିଜେଡି | ଶଙ୍ଖ |
| | ଅନ୍ନପୂର୍ଣ୍ଣା ସାହୁ | କଂଗ୍ରେସ | ହାତ |
| ୱାର୍ଡ ନଂ:୫୮ | ଜନାର୍ଦ୍ଦନ ପରିଡ଼ା | କଂଗ୍ରେସ | ହାତ |
| | ସବିତା ଜେନା | ବିଜେଡି | ଶଙ୍ଖ |
| | ରବୀନ୍ଦ୍ର ନାଥ ବେହେରା | ସ୍ୱାଧୀନ | ଫଳନ୍ତି ନଡ଼ିଆଗଛ |
| | ଶେଷଦେବ ଶତପଥୀ | ସ୍ୱାଧୀନ | ପାତ୍ର |
| | ପ୍ରମୋଦ ଓଝା | ଭାଜପା | ପଦ୍ମ |
| | ସୁନୀଲ କୁମାର ଜେନା | ସ୍ୱାଧୀନ | ଡଙ୍ଗା |
| | ଅମିତ କୁମାର ସାମନ୍ତରାୟ | ସ୍ୱାଧୀନ | ସାଇକେଲ |
| ୱାର୍ଡ ନଂ:୫୯ | ହସିନା ବେଗମ୍ | କଂଗ୍ରେସ | ହାତ |
| | ଶୁଚିସ୍ମିତା ସାହୁ | ବିଜେଡି | ଶଙ୍ଖ |
| | ମମତା ମହାନ୍ତି | ଭାଜପା | ପଦ୍ମ |

# ଅଂଶୁଘାତଜନିତ ମୃତ୍ୟୁହାର ଶୂନ ରଖିବାକୁ ବଦ୍ଧପରିକର

**ଅଂଶୁଘାତ ମୁକାବିଲା ପ୍ରସ୍ତୁତି ବୈଠକ**

- ବିଦ୍ୟାଳୟ ସମୟ ନିର୍ଘଣ୍ଟ କରିବାକୁ ପରାମର୍ଶ
- ୧୧ରୁ ଅପରାହ୍ନ ୩ଟା ୩୦ ମଧ୍ୟରେ ଶ୍ରମଭିତ୍ତିକ କାର୍ଯ୍ୟ ବନ୍ଦ ରହିବ

**କଟକ ଅଫିସ, ୧୫।୩**

ଅଂଶୁଘାତର ସଫଳ ମୁକାବିଲା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନ୍‌ଲାଇନ ମାଧ୍ୟମରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ଯୋଗଦେଇ ଅଂଶୁଘାତଜନିତ ମୃତ୍ୟୁହାରକୁ ଶୂନରେ ସୀମିତ ରଖିବା ପାଇଁ ଜିଲା ପ୍ରଶାସନ ବଦ୍ଧପରିକର ବୋଲି କହିଥିଲେ। ଜିଲା କାର୍ଯ୍ୟାଳୟର ଜରୁରୀକାଳିନ ଉପବିଭାଗ ପକ୍ଷରୁ ଏକ ନିୟନ୍ତ୍ରଣ କକ୍ଷ ଏଥିନିମନ୍ତେ କାର୍ଯ୍ୟ କରିବ । ଏଥିସହ ସମସ୍ତ ବ୍ଲକ, ତହସିଲ, ଜିଲା ମୁଖ୍ୟ ଚିକିତ୍ସାଳୟ, ପୌର ପରିଷଦ, ଜିଲା ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ସେସୁ ଆଦି କାର୍ଯ୍ୟାଳୟରେ ଅନୁରୂପ ଭାବେ କଣ୍ଟ୍ରୋଲ ରୁମ୍ ଖୋଲିବାକୁ ବ୍ୟବସ୍ଥା କରାଯିବ। ସେହିପରି ଭୂତଳ ଜଳସ୍ତର ହ୍ରାସ ହେଉଥିବା ବଡମ୍ବା, ନରସିଂହପୁର, ତିଗିରିଆ ଅଞ୍ଚଳରେ ବିହିତ ପଦକ୍ଷେପ ନିଆଯିବ। ପଞ୍ଚାୟତ ପକ୍ଷରୁ ସ୍ୱେଚ୍ଛାସେବୀ ସଙ୍ଗଠନ ସହାୟତାରେ ବସ୍‌ଷ୍ଟାଣ୍ଡ, ହାଟ, ମୁଖ୍ୟ ଛକ ଏବଂ ସହରାଞ୍ଚଳରେ ବସ୍ ଓ ଟ୍ରକ ମାଲିକ ସଂଘ ସହାୟତାରେ ପୌର ପରିଷଦ ପକ୍ଷରୁ ଜଳଛତ୍ର ବ୍ୟବସ୍ଥା କରିବାକୁ ପଦକ୍ଷେପ ନିଆଯିବ। ଗ୍ରୀଷ୍ମପ୍ରବାହ ସମୟରେ ବିଦ୍ୟୁତ ସରବରାହ ଯେପରି ବ୍ୟାହତ ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ସେସୁ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି। ଓଡ଼ିଆ ଓ ଇଂଲିଶ ମିଡିୟମ ବିଦ୍ୟାଳୟଗୁଡିକ ସମୟ ନିର୍ଘଣ୍ଟ ସ୍ଥିର କରିବାରେ ପଦକ୍ଷେପ ନେବାକୁ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ପରାମର୍ଶ ଦିଆଯାଇଛି।

ସେହିପରି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ୩୦ ମଧ୍ୟରେ ଶ୍ରମିକମାନେ କାର୍ଯ୍ୟ ବନ୍ଦ କରିବା ଓ କାର୍ଯ୍ୟସ୍ଥଳୀରେ ପାନୀୟଜଳ ଓ ବିଶ୍ରାମସ୍ଥଳୀ ବ୍ୟବସ୍ଥା କରିବାକୁ ଜିଲା ଶ୍ରମ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଜିଲାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଓ ଜିଲା ଚିକିତ୍ସାଳୟ ସହିତ ଏସ୍‌ସିବି ମେଡିକାଲରେ ଶୀତତାପ ନିୟନ୍ତ୍ରିତ ଆନୁଷଙ୍ଗିକ ବ୍ୟବସ୍ଥା ଥିବା ସ୍ୱତନ୍ତ୍ର ୱାର୍ଡ ପ୍ରସ୍ତୁତ ରଖିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ କୁହାଯାଇଛି। ଡାକ୍ତରଖାନାଗୁଡିକରେ ଜୀବନ ରକ୍ଷାକାରୀ ଔଷଧ, ଓଆର୍‌ଏସ ପ୍ୟାକେଟ୍ ମହଜୁଦ ରଖିବା, ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଡାକ୍ତର, ପାରାମେଡିକାଲ ଷ୍ଟାଫ ଉପସ୍ଥିତ ରହିବା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ସତ୍ୟବ୍ରତ ଛୋଟରାୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମଋତୁରେ ଜଙ୍ଗଲରେ ଯେପରି ନିଆଁ ନ ଲାଗେ, ସେଥିପ୍ରତି ଜଙ୍ଗଲ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ସଜାଗ ରହିବା, ବନ୍ୟପ୍ରାଣୀ ଓ ସଂରକ୍ଷିତ ଜଙ୍ଗଲରେ ରହୁଥିବା ଅଧିବାସୀଙ୍କ ପାଇଁ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ସିଡିଏମ୍‌ଓ ଛୋଟରାୟ, ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ବିଡିଓ, ତହସିଲଦାର, ପୌରସଂସ୍ଥା ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରତିନିଧି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଅନ୍‌ଲାଇନ୍ ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

## 'ସଂସ୍କୃତି ନଷ୍ଟହେବା ଶୁଭଙ୍କର ନୁହେଁ'

**ଆଠଗଡ,୧୫।୩(ସ୍ୱ.ପ୍ର.)**

ପୌର ନିର୍ବାଚନ ପାଇଁ କଂଗ୍ରେସ ନେତା ଉମାବଲ୍ଲଭ ରଥଙ୍କ ନେତୃତ୍ୱରେ ଆଠଗଡ଼ କଂଗ୍ରେସ କାର୍ଯ୍ୟାଳୟରେ ମଙ୍ଗଳବାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନଗର କଂଗ୍ରେସ ସଭାପତି ସୋମନାଥ ଭକ୍ତା ସଭାପତିତ୍ୱ କରି ପୌର ନିର୍ବାଚନ ପାଇଁ ଦଳ ଏକଜୁଟ୍ ହୋଇଥିବା କହିଛନ୍ତି। ମୁଖ୍ୟ ଅତିଥିଭାବେ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀ ଯୋଗଦେଇଥିଲେ। ସମ୍ମିଳନୀରେ କଂଗ୍ରେସ ନେତା ବିଭୂତିଭୂଷଣ ମିଶ୍ର ଯୋଗଦେଇ କହିଥିଲେ, ମୋର ଆଉ ବିଧାୟକ ହେବାର ବୟସ ନାହିଁ, ମୋତେ ରଥ ଯେଉଁ ଦାୟିତ୍ୱ ଦେବେ ମୁଁ ଉକ୍ତ ଦାୟିତ୍ୱ ନିର୍ବାହ କରିବି। ଏଥିରେ ରଥ ଯୋଗଦେଇ ଆଠଗଡର ସାହିତ୍ୟ,ସଂସ୍କୃତି ନଷ୍ଟ ହୋଇଯାଉଥିବାରୁ ଏହା ଶୁଭଙ୍କର ନୁହେଁ ବୋଲି କହିଥିଲେ। କର୍ମୀ ସମ୍ମିଳନୀରେ ଅକ୍ଷୟ ତୁଙ୍ଗ ସାମନ୍ତ, ଅରୁପମା ଭକ୍ତା, ଲଲାଟେନ୍ଦୁ ସେନାପତି, ସୁଦର୍ଶନ ସାହୁ ଓ ପ୍ରଭାକର ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ଆଠଗଡ ନଗର କଂଗ୍ରେସ ପକ୍ଷରୁ ଇସ୍ତାହାରପତ୍ର ଉନ୍ମୋଚିତ ହୋଇଥିଲା।

## ନିର୍ବାଚନ ପାଇଁ ପ୍ରଚାର ଜୋରଦାର

**ଚୌଦ୍ୱାର,୧୫।୩(ଡି.ଏନ୍.ଏ.)**

ଚୌଦ୍ୱାର ମ୍ୟୁନିସିପାଲିଟି ନିର୍ବାଚନ ପାଇଁ ବିଭିନ୍ନ ୱାର୍ଡରେ ୩ ପ୍ରମୁଖ ଦଳର ପ୍ରାର୍ଥୀମାନେ ଜୋରଦାର୍ ପ୍ରଚାର କରିଛନ୍ତି। ବିଜେଡିର ଅଧ୍ୟକ୍ଷା ପ୍ରାର୍ଥିନୀ ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ୧୯ ନଂ. ୱାର୍ଡର କାଉନ୍‌ସିଲର ପ୍ରାର୍ଥୀ ଶୁଭେନ୍ଦୁ ସାମଲ, ୧୦ ନମ୍ବରର ବିଜୟ ମଲ୍ଲିକ, ୧୭ ନମ୍ବରର ଆଶୁତୋଷ ଦାସ, ୧୮ ନଂ. ୱାର୍ଡର ପ୍ରାର୍ଥୀ ବିଜୟ କୁମାର ସାହୁ ସମର୍ଥକମାନଙ୍କ ସହିତ ଶୋଭାଯାତ୍ରାରେ ଯାଇ ନିଜ ସପକ୍ଷରେ ଭୋଟ ଦେବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ। ଅନୁରୂପ ଭାବେ ୮ନମ୍ବର ୱାର୍ଡରେ ଆୟୋଜିତ ଶୋଭାଯାତ୍ରାରେ ଅଧ୍ୟକ୍ଷା ପ୍ରାର୍ଥୀ ସାମଲ, କାଉନସିଲର ପ୍ରାର୍ଥୀ ବିଜୟଲକ୍ଷ୍ମୀ ବେହେରା ଓ ସାଙ୍ଗଠନିକ ସମ୍ପାଦିକା କଲ୍ୟାଣୀ ସାହାଣୀ ନିର୍ବାଚନୀ ପ୍ରଚାର କରିଥିଲେ। ସେହିପରି କଂଗ୍ରେସ ଅଧ୍ୟକ୍ଷା ପ୍ରାର୍ଥୀ ମୋନାଲିସା ଦାସଙ୍କ ସମେତ ସମସ୍ତ କାଉନସିଲର ପ୍ରାର୍ଥୀ ବାଇକ୍ ଶୋଭାଯାତ୍ରାରେ ଯାଇ ନିଜ ସପକ୍ଷରେ ଭୋଟ ଦେବା ପାଇଁ ଲୋକଙ୍କୁ ନିବେଦନ କରିଥିଲେ। ଭାଜପାର ଅଧ୍ୟକ୍ଷ ପ୍ରାର୍ଥିନୀ ଦେବସ୍ମିତା ନାୟକ ବିଭିନ୍ନ ୱାର୍ଡ଼ରେ ପଦଯାତ୍ରା କରି ନିଜ ସପକ୍ଷରେ ଜନ ସମର୍ଥନ ଲୋଡିଥିଲେ। ଭାଜପା ନେତା ଜ୍ଞାନ ରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।

## ବସ୍ତିବାସିନ୍ଦାଙ୍କୁ ଥଇଥାନ ପ୍ରତିଶ୍ରୁତି



ବାଖରାବାଦସ୍ଥିତ ଗାନ୍ଧୀଭବନଠାରେ ନିର୍ବାଚନୀ ଇସ୍ତାହାର ପ୍ରକାଶ କରାଯାଉଛି।

**ଏସ୍‌ୟୁସିଆଇ(ସି)ର ନିର୍ବାଚନୀ ଇସ୍ତାହାର**

**କଟକ ଅଫିସ, ୧୫।୩**

ପୌର ନିର୍ବାଚନ ପରିପ୍ରେକ୍ଷୀରେ ଏସ୍‌ୟୁସିଆଇ(ସି) ପକ୍ଷରୁ ମଙ୍ଗଳବାର ନିର୍ବାଚନୀ ଇସ୍ତାହାର ପ୍ରକାଶ କରାଯାଇଛି। ଦଳ ପକ୍ଷରୁ ବାଖରାବାଦସ୍ଥିତ ଗାନ୍ଧୀଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ଇସ୍ତାହାର ଘୋଷଣା କରାଯାଇଛି। ଉକ୍ତ ଇସ୍ତାହାରରେ ବସ୍ତିବାସିନ୍ଦାଙ୍କୁ ଥଇଥାନ ସହ ସ୍ଥାୟୀ ପଟ୍ଟା ଯୋଗାଇଦେବା, ନାଳ, ନର୍ଦ୍ଦମାଜନିତ ସମସ୍ୟାର ସ୍ଥାୟୀ ସମାଧାନ, ମଶା ଉପଦ୍ରବ ରୋକିବା, ୨୪ ଘଣ୍ଟିଆ ପାନୀୟଜଳ ଯୋଗାଣ, ପରିସ୍ରାଗାର ଓ ଶୌଚାଳୟ ନିର୍ମାଣ ଏବଂ ସମସ୍ତ ୱାର୍ଡରେ ପାଠାଗାର ନିର୍ମାଣ କରିବାକୁ କୁହାଯାଇଛି। ସେହିପରି ସହରର ମୁଖ୍ୟ ସ୍ଥାନଗୁଡିକରେ ନିଃଶୁଳ୍କ ପାର୍କିଂ ବ୍ୟବସ୍ଥା, ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକର ଭିତ୍ତିଭୂମି ବିକାଶ, ଆବଶ୍ୟକ ଡାକ୍ତର, ନର୍ସ ଓ କର୍ମଚାରୀ ନିଯୁକ୍ତି ତଥା ସମସ୍ତ ପ୍ରକାର ପରୀକ୍ଷା ନିରୀକ୍ଷାର ଆବଶ୍ୟକ ବ୍ୟବସ୍ଥା କରିବାକୁ ଇସ୍ତାହାରରେ ଉଲ୍ଲେଖ କରାଯାଇଛି। ପ୍ରତି ଛକରେ ଡଷ୍ଟବିନ ରଖିବା, ନିରାଶ୍ରୟଙ୍କ ପାଇଁ ସହରର ମୁଖ୍ୟ ସ୍ଥାନଗୁଡିକରେ ରାତ୍ରି ଆଶ୍ରୟସ୍ଥଳ ନିର୍ମାଣ ଏବଂ କରୋନାରେ ମୃତ୍ୟୁ ଘଟିଥିବା ଲୋକଙ୍କ ପରିବାରକୁ ସହାୟତା ପ୍ରଦାନ କରିବାକୁ ଇସ୍ତାହାରରେ କୁହାଯାଇଛି। ଏତଦ୍‌ବ୍ୟତୀତ ବୁଲା କୁକୁର ଓ ଷଣ୍ଢଙ୍କ ଦାଉରୁ ସହରକୁ ରକ୍ଷା କରିବା ଓ ବ୍ୟାୟାମଶାଳା, ସ୍ପୋର୍ଟସ କମ୍ପ୍ଲେକ୍ସ ଏବଂ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଇସ୍ତାହାର ମାଧ୍ୟମରେ ଦଳ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଉକ୍ତ ସମ୍ମିଳନୀରେ ଏସ୍‌ୟୁସିଆଇ(ସି)ର ମେୟର ପ୍ରାର୍ଥିନୀ ଛବି ବଳବନ୍ତରାୟ ଯୋଗଦେଇ ଜନସାଧାରଣଙ୍କ ଉନ୍ନତି ତଥା ସହରର ବିକାଶ ପାଇଁ ତାଙ୍କୁ ଚିହ୍ନ ଶିଡିରେ ଭୋଟ ଦେବାକୁ ନିବେଦନ କରିଛନ୍ତି।